## ଶ୍ରୀରାମ ନବମୀ ମହୋତ୍ସବ

# ପାଳନ ହେଲା ଗୋ-ମାତା ଓ ସାଧୁସନ୍ଥ ପୂଜନ

ଭଦ୍ରକ,୯।୪(ସମିସ)

ଐତିହାସିକ ଭଦ୍ରକ ଶ୍ରୀରାମ ନବମୀ ମହୋତ୍ସବ ଉପଲକ୍ଷେ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଭଦ୍ରକ ବ୍ଲକ ଅନ୍ତର୍ଗତ ପରସିଙ୍ଗା ପଞ୍ଚାୟତର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଗୋ ମାତା ଓ ସାଧୁସନ୍ଥ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ମଠ ମନ୍ଦିରରୁ ଆଗତ ୫୦ରୁ ଉର୍ଦ୍ଧ୍ୱ ସାଧୁ ସନ୍ଥ ସନ୍ୟାସୀ ଏବଂ ୩୦ରୁ ଉର୍ଦ୍ଧ୍ୱ ଗୋ ମାତାଙ୍କର ପୂଜନ କରାଯାଇଥିଲା। ପୂର୍ବାହ୍ନରେ ଗାନ୍ଧୀ ପଡ଼ିଆଠାରେ ଭୂମି ପୂଜନ କରିବା ପରେ ସାଧୁ ସନ୍ଥଙ୍କୁ ସ୍ୱାଗତ କରି ଏକ ବିଶାଳ ମଟର ସାଇକଲ ଶୋଭାଯାତ୍ରାରେ ସହର ପରିକ୍ରମା କରି ପୂଜନ ସ୍ଥଳୀକୁ ନିଆଯାଇଥିଲା। ସେଠାରେ ସେମାନଙ୍କୁ ରୀତି ନୀତି ଅନୁଯାୟୀ ପୂଜାର୍ଚ୍ଚନା କରି ସମ୍ବର୍ଦ୍ଧିତ କରାଯାଇଥିଲା। ସାଧୁସନ୍ଥଙ୍କ ଦ୍ୱାରା ଗୋ ମାତାଙ୍କୁ ପୂଜନ କରାଯିବା ସହିତ ରାଷ୍ଟ୍ରୀୟ ହିନ୍ଦୁ ନବ ବର୍ଷ ପାଳନ କରାଯାଇଥିଲା। ଉକ୍ତ ଗୋ ମାତାଙ୍କୁ ଚିହ୍ନଟ କରାଯାଇ ଏହାର ପାଳକଙ୍କୁ ସମ୍ମାନିତ କରାଯିବ ବୋଲି ସମିତି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସାଧୁସନ୍ଥ ମାନେ ଏରେଇଁ ପରସିଙ୍ଗା ପଞ୍ଚାୟତରେ ପହଞ୍ଚିବା ପରେ ମହିଳା ମାନେ ଫୁଲ, ଚନ୍ଦନ ଦେଇ ଶଙ୍ଖ ହୁଳୁ ହୁଳି ପକାଇ ସଭାସ୍ଥଳ ପର୍ଯ୍ୟନ୍ତ ପାଛୋଟି ନେଇ ଯାଇଥିଲେ। ବରିଷ୍ଠ ଉପଦେଷ୍ଟା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସନ୍ଥ ସଭାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସନ୍ଥ ମାନେ ଉକ୍ତ ସଭାରେ ଉପସ୍ଥିତ ରହି ଆଶୀର୍ବଚନ ପ୍ରଦାନ କରିବା ସହ ଗୌରବ ମୟ ଭାରତୀୟ ସଂସ୍କୃତି, ପରମ୍ପରା ଓ ଗୋ ମାହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ପଣ୍ଡିତ ବିରେନ୍ଦ୍ର ପଣ୍ଡା, ସନ୍ଥ ମାନଙ୍କ ମଧ୍ୟରେ ସ୍ୱାମୀ ଆଶ୍ରୟାନନ୍ଦଜୀ ମହାରାଜ, ବାବା ଦଣ୍ଡଧାରି ମହାରାଜ ହିନ୍ଦୁ ସମାଜ, ହିନ୍ଦୁତ୍ୱ, ରାଷ୍ଟ୍ରୀୟ ହିନ୍ଦୁ ନବ ବର୍ଷ, ଗୋ ସେବା ଆଦି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରୀରାମ ମହାଯଜ୍ଞ ସମିତିର ସଭାପତି ବରିଷ୍ଠ ଆଇନଜୀବୀ ନିତ୍ୟାନନ୍ଦ ନାୟକ, ଉପସଭାପତି ଜଗନ୍ନାଥ ଦାଶ, ତ୍ରିଲୋଚନ ନାୟକ, କହ୍ନେଇ ଚରଣ ଦାସ, ସାଧାରଣ ସମ୍ପାଦକ ଶରତ ପଡ଼ିହାରୀ, ସଂଯୋଜକ ଗୋବିନ୍ଦ ଚନ୍ଦ୍ର ରାଉତ, ସମ୍ପାଦକ ଆଇନଜୀବୀ ତୁଷାରକାନ୍ତ ଦାସ, ସ୍ୱରୂପାନନ୍ଦ ମହାପାତ୍ର, ସ୍ୱାଧୀନ ସୁନ୍ଦର ଦାସ, କୋଷାଧ୍ୟକ୍ଷ ନିରଞ୍ଜନ ସାହୁ, ସହ କୋଷାଧ୍ୟକ୍ଷ ଶିବ ଶଙ୍କର ଦାସ, ସମିତିର ଉପଦେଷ୍ଟା ତଥା ଧାମନଗରର ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ବରିଷ୍ଠ ଉପଦେଷ୍ଟା ଦୀନବନ୍ଧୁ ପତି, ରଘୁନାଥ ସାହୁ, ଡା. ଦେବରାଜ ପାତ୍ର, ଭଦ୍ରକ ବ୍ଲକ ଶ୍ରୀରାମ ମହାଯଜ୍ଞ ସମିତି ସଂଯୋଜନା ମଣ୍ଡଳୀର ସଂଯୋଜକ ବୃନ୍ଦାବନ ଜେନା, ସହ ସଂଯୋଜକ ଅନିଲ ବେହେରା ଏବଂ ମାନସ ବାରିକ ପ୍ରମୁଖ ଉପସ୍ଥିତ ରହିଥିଲେ। ସାଧୁସନ୍ଥ ପୂଜନ କାର୍ଯ୍ୟକ୍ରମ ପରିଚାଳନାରେ ରାମଚନ୍ଦ୍ର ପଣ୍ଡା, ଭୁବନାନନ୍ଦ ମିଶ୍ର, ସଞ୍ଜୀବ ମହାନ୍ତି, ବସନ୍ତ ଦାସ, ଅଲେଖ ଦାସ, ଅମୂଲ୍ୟ ବେହେରା, ବିଶ୍ୱେଶ୍ୱର ମହାନ୍ତି, ପଞ୍ଚାନନ ସାହୁ, ଗୌରାଙ୍ଗ ନାୟକ ପ୍ରମୁଖ ସହଯୋଗ କରିଥିଲେ।



## ଧାମରାରେ ଚୋରି ଅଭିଯୋଗ

**ଭଦ୍ରକ,୯।୪(ସମିସ):** ଦିନକୁ ଦିନ ଧାମରା ଅଞ୍ଚଳରେ ବୃଦ୍ଧି ପାଉଛି ଚୋରି, ଛିନତାଇ ଓ ରାହାଜାନି। ତେବେ ଧାମରା ଅଞ୍ଚଳର ଦୁଇ ଦୁଇଟି ଥାନା ଥାଇ ବି ପୁଲିସ ଏହି ଚୋରମାନଙ୍କ ଟେର ପାଉ ନ ଥିବାରୁ ପୁଲିସ ଉପରେ ଜନସାଧାରଣଙ୍କ ଆସ୍ଥା ଭରସା ତୁଟିବାରେ ଲାଗିଛି। ପ୍ରାପ୍ତ ଖବରରୁ ଜଣାଯାଇଛି ଗତକାଲି ବିଳମ୍ବିତ ରାତିରେ ଧାମରା ସାମୁଦ୍ରିକ ଥାନା ଅଧିନ ଜାଗୁଳା ପଞ୍ଚାୟତ ଜାଗୁଳା ଗ୍ରାମର ଏକ ନବ ନିର୍ମିତ ପକ୍କାଘର ନିକଟରେ ଏକ ନଳକୂପ ଭାଙ୍ଗି ଦୁର୍ବୃତମାନେ ମୋଟର ସହିତ ଗ୍ୟାସଟାଙ୍କି ଓ ୨ କ୍ୱିଣ୍ଟାଲ ଲୁହାରଡ ଚୋରି କରି ନେଇଥିବା ବେଳେ ସଂପୃକ୍ତ ଗୃହର ମାଲିକ ଦେବବ୍ରତ ଯତି ଧାମରା ମେରାଇନ ଥାନାରେ ଅଭିଯୋଗ କରିଛନ୍ତି। ତେବେ ପୁଲିସର ନିଷ୍କ୍ରିୟତା ଯୋଗୁ ଧାମରା ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଏହି ଚୋରି ଦିନକୁ ଦିନ ବଢି ବଢି ଚାଲିଛି। ତୁରନ୍ତ ପୁଲିସ ପ୍ରଶାସନ ସଜାଗ ହେବା ସହ ଅଞ୍ଚଳର ଅଧିବାସୀ ସଜାଗ ହେଲେ ଏହି ଚୋରି ଉପରେ ଅଙ୍କୁଶ ଲାଗି ପାରନ୍ତା ବୋଲି ଚର୍ଚ୍ଚା ଚାଲିଛି।

## ଜଳଛତ୍ର ଶୁଭାରମ୍ଭ



**ଭଦ୍ରକ,୯।୪(ସମିସ):** ବଢୁଥିବା ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଭଦ୍ରକ ସହର ସ୍ଥିତ ଜନଗହଳି ପୂର୍ଣ୍ଣ ସ୍ଥାନରେ ସହିଦ୍ ଭଗତ୍ ସେନାର ଆବାହକ ସୀତାଂଶୁ ଶେଖର ମହାପାତ୍ରଙ୍କ ତତ୍ତ୍ୱବଧାନରେ ପ୍ରତ୍ୟକ ଦିନ ସହ ଶହ ପଥଚାରୀଙ୍କ ନିମନ୍ତେ ସହରାଞ୍ଚଳର ରାଜଘାଟ ଛକ ଓ ଚରମ୍ପା ରେଳ ଷ୍ଟେସନ ନିକଟସ୍ଥରେ ୨ଟି ଜଳଛତ୍ର ସଂଗଠନ ପକ୍ଷରୁ ଖୋଲା ଯାଇଛି । ପ୍ରତ୍ୟକ ଦିନ ଶହ ଶହ ପଥଚାରୀଙ୍କୁ ଜଳଛତ୍ରରୁ ବିଶୁଦ୍ଧ ପାନୀୟ ଜଳ ବଣ୍ଟନ କରି ତୃଷ୍ଣା ମେଣ୍ଟାଯାଉଛି।

● ଜାତୀୟସ୍ତରୀୟ ଯୁବ ବାସ୍କେଟବଲ୍ ପ୍ରତିଯୋଗିତା

## ଭଦ୍ରକ ଜିଲ୍ଲାରୁ ଆୟୁଷ୍ମାନ ମନୋନୀତ



**ଭଦ୍ରକ,୯।୪(ସମିସ):** ପୁଡୁଚେରୀର ରାଜୀବ ଗାନ୍ଧୀ ଷ୍ଟାଡିୟମ୍‌ରେ ୩୮ତମ ଜାତୀୟ ଯୁବ (୧୬ ବର୍ଷରୁ କମ୍) ବାସ୍କେଟବଲ୍ ପ୍ରତିଯୋଗିତା ଆଜି ଠାରୁ ଆରମ୍ଭ ହୋଇ ୧୫ଏପ୍ରିଲ୍‌ରେ ସମାପ୍ତ ହେବ। ଏହି ପ୍ରତିଯୋଗିତା ନିମନ୍ତେ ଓଡ଼ିଶା ତାର ୧୨ ଜଣ ବାସ୍କେଟବଲ୍ ଖେଳାଳିଙ୍କ ନାମ ଘୋଷଣା କରିଛ। ଓଡ଼ିଶା ବାଳକ ଦଳରେ ଭଦ୍ରକ ଜିଲ୍ଲାରୁ ଆୟୁଷ୍ମାନ ନାୟକ ସ୍ଥାନ ପାଇଛନ୍ତି। ତାଙ୍କର ମନୋନୟନ ନେଇ ଜିଲ୍ଲା ଆଥଲେଟିକ୍ ସଂଘର ସଂପାଦକ ଧିରେନ୍ ପଲାଇ, ବାସ୍କେଟବଲ୍ କୋଚ୍ ମନୋଜ କୁମାର ସାହୁ ଓ ସମସ୍ତ ବରିଷ୍ଠ ଖେଳାଳୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେ କିପରି ଜାତୀୟ ସ୍ତରରେ ଭଲ ଖେଳ ପ୍ରଦର୍ଶନ କରିବେ, ତାଙ୍କର ଶୁଭକାମନା କରିଛନ୍ତି। ଆୟୁଷ୍ମାନ ମଧ୍ୟ ବିଦ୍ୟାଳୟ ସ୍ତରରେ, ଜାତୀୟ ସ୍ତରୀୟ ସ୍କୁଲ୍ ବାସ୍କେଟବଲ୍ ପ୍ରତିଯୋଗିତା ନିମନ୍ତେ ମନୋନୀତ ହୋଇଛନ୍ତି। ଆସନ୍ତା ୨୪ ଏପ୍ରିଲ୍‌ରୁ ହରିୟାନାରେ ଆରମ୍ଭ ହେବାକୁ ଥିବା ପ୍ରତିଯୋଗିତାରେ ସେ ଅଂଶ ଗ୍ରହଣ କରିବେ। ଆୟୁଷ୍ମାନଙ୍କ ଘର ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଅନ୍ତର୍ଗତ ପିରାହାଟ୍ ସ୍ଥିତ ଛତ୍ରପୁର ଗ୍ରାମରେ, ତାଙ୍କ ବାପାଙ୍କ ନାମ ପ୍ରଶାନ୍ତ କୁମାର ନାୟକ ଓ ମାତାଙ୍କ ନାମ ବିଳାସିନି ନାୟକ, ଆୟୁଷ୍ମାନ୍ ଅଧୁନା ଓଡିଏମ୍ ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ଆୟୁଷ୍ମାନ୍ ଭଦ୍ରକ ଶିଶୁମନ୍ଦିରରେ ୮ମ ଶ୍ରେଣୀରେ ପଢୁଥିବା ବେଳେ ତାଙ୍କର ବାସ୍କେଟ୍‌ବଲ ଖେଳ କୋଚ୍ ମନୋଜ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆରମ୍ଭ କରିଥିଲେ, ମନୋଜ ସାହୁ ବର୍ତ୍ତମାନ ଏସ ବି ଡି ଇଣ୍ଟରନେସନାଲ୍ ସ୍କୁଲରେ କ୍ରିଡା ଶିକ୍ଷକ ରୂପେ କାର୍ଯ୍ୟରତ ଅଛନ୍ତି।

## ଭଦ୍ରକ ରୋଟାରୀ କ୍ଲବ ପ୍ରତିଷ୍ଠା ଦିବସ



**ଭଦ୍ରକ,୯।୪(ସମିସ):** ଭଦ୍ରକ ରୋଟାରୀ କ୍ଲବର ୫୩ ତମ ପ୍ରତିଷ୍ଠା ଦିବସ ଜଗନ୍ନାଥ ମନ୍ଦିର ପରିସର ସଭା ଗୃହରେ କ୍ଲବ୍ ସଭାପତି ପ୍ରଣବ କୁମାର ସାହୁ, ଡିଆରସିସି ଇନ୍ଦ୍ରଜିତ ସାହୁ ଓ ଚେୟାରମେନ ବସନ୍ତ କୁମାର ପାଣିଗ୍ରାହୀଙ୍କ ସମେତ କ୍ଲବ୍‌ର ବହୁ ସଦସ୍ୟଙ୍କ ଉପସ୍ଥିତିରେ ପାଳନ ହୋଇଯାଇଛି। ପ୍ରଥମେ ସଭାପତିଙ୍କ ସହିତ ବରିଷ୍ଠ ସଦସ୍ୟ ସୀତାକାନ୍ତ ଦାସ, ଡା ସୁଧିରଞ୍ଜନ ନାୟକ, ଅମ୍ବିକା ବଲ୍ଲଭ ସ୍ୱାଇଁ, ପ୍ରମୋଦ ଜେନା, ଉମାକାନ୍ତ ଜେନା ପ୍ରମୁଖଙ୍କ ଦ୍ୱାରା ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସଭ୍ୟରେ ବାଦଲ କିଶୋର ମହାପାତ୍ର, ଭାସ୍କର ଚନ୍ଦ୍ର ପାଢ଼ୀ, ଶଶି ଶେଖର କରଶର୍ମା, ନାସିର ବକ୍ସ, ଶୈଳେନ୍ଦ୍ର ପାଢ଼ୀ, ସନ୍ତୋଷ ନାୟକ, କମଳାକାନ୍ତ ବେହେରା, ସତ୍ୟ ସୁନ୍ଦର ମଣ୍ଡଳ ପ୍ରମୁଖ ସଦସ୍ୟ ଭଦ୍ରକ ରୋଟାରୀ କ୍ଲବ୍‌ର ବିଭିନ୍ନ ସେବା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଜଗନ୍ନାଥ ମନ୍ଦିର ସମ୍ମୁଖ ରାସ୍ତାରେ ଏକ ଜଳଛତ୍ର କେନ୍ଦ୍ର ଉଦ୍‌ଘାଟିତ ହୋଇଥିଲା। ଏଥି ସହିତ କଲେଜ ଛକରେ ଦୁଇ ଗୋଟି, ଚରମ୍ପା ଓ ରାନ୍ଧିଆ ଇତ୍ୟାଦି ସ୍ଥାନରେ ଗୋଟିଏ ଲେଖାଏଁ ଜଳଛତ୍ର କେନ୍ଦ୍ର କ୍ଲବ୍ ତରଫରୁ ପ୍ରସ୍ତୁତ ହୋଇସାରିଛି। ୧୦ଗୋଟି ବିଭିନ୍ନ ସ୍ଥାନରେ ଗାଈଗୋରୁ, କୁକୁର ଓ ପକ୍ଷୀ ପ୍ରଭୃତି ପ୍ରାଣୀ ମାନଙ୍କ ପାଇଁ ଜଳକୁଣ୍ଡ ସ୍ଥାପନ କରାଯିବାପାଇଁ ପାଣି କୁଣ୍ଡ ପ୍ରସ୍ତୁତ ହୋଇସାରିଛି। ମନ୍ଦିର ପରିସରରେ ଡଷ୍ଟବିନ ପାଇଁ କ୍ଲବ୍ ତରଫରୁ ଯୋଗାଇ ଦେବାକୁ ପ୍ରସ୍ତୁତ ହୋଇସାରିଛି। ଏହି କାର୍ଯ୍ୟକ୍ରମରେ ପୂର୍ଣ୍ଣଚନ୍ଦ୍ର ସାହୁ, ବୈରାଗୀ ଧଳ, ଝୁରନବାଲା ଖୁଣ୍ଟିଆ, ମଙ୍ଗି ଲାଲ ବଳଦେବା, ଗୟାଧର ପଣ୍ଡା, ଆୟୋଜନରେ ସହଯୋଗ କରିଥିଲେ। ଇନ୍ଦ୍ରଜିତ ସାହୁ ସମସ୍ତ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

## ରାସ୍ତାଖୋଲାକୁ ନେଇ ଆକ୍ରମଣ; ୩ ଆହତ

**ବନ୍ତ/ଆଗରପଡ଼ା,୯।୪(ସମିସ):** ଏକ ଗ୍ରାମ୍ୟରାସ୍ତାକୁ ଜୋରଜବରଦସ୍ତି ଖୋଲା ଯିବାକୁ ବିରୋଧ କରିବାରୁ ଜନୈକ ଠିକାଦାରଙ୍କ କର୍ମଚାରୀ ମରଣାନ୍ତକ ଆକ୍ରମଣ କରିବାରୁ ତିନିଜଣ ଗ୍ରାମବାସୀ ଆହତ ହୋଇ ଡ଼ାକ୍ତରଖାନାରେ ଚିକିତ୍ସାଧିନ ଥିବା ଜଣାପଡ଼ିଛି। ସୂଚନାରୁ ପ୍ରକାଶ, ଆଗରପଡ଼ା ନିକଟସ୍ଥ ପାଟକନା ଗ୍ରାମର ଜନୈକ ବିଦ୍ୟୁତ୍ ଠିକାଦାରଙ୍କ କର୍ମଚାରୀ ଜେସିବି ଓ ଟ୍ରାକ୍ଟର ଲଗାଇ ଗ୍ରାମ୍ୟ ରାସ୍ତାକୁ ଖୋଲୁଥିଲେ। ଏହା ଦେଖି ଉକ୍ତ ଗ୍ରାମର କାଠି ଯେନାଙ୍କ ପୁଅ ସମୀର ଘଟଣାସ୍ଥଳରେ ପହଞ୍ଚି ଏହାର କାରଣ ପଚାରିବାରୁ ହଠାତ୍ ଉତ୍‌କ୍ଷିପ୍ତ ହୋଇ ଠିକାଦାରଙ୍କ କର୍ମଚାରୀ ସମୀରଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଏକ ଲୁହା ରଡ଼ରେ ସମୀରଙ୍କ ମୁଣ୍ଡକୁ ପିଟି ଫଟାଇ ଦେଇଥିଲେ। ଅନ୍ୟ ଜଣେ କର୍ମଚାରୀ ସମୀରଙ୍କ ବେକରେ ଗୋଡ଼ ରଖି ଜୀବନରେ ମାରିଦେବାକୁ ଉଦ୍ୟମ କରିଥିଲେ ବୋଲି ଥାନାରେ ଅଭିଯୋଗ ହୋଇଛି। ଜୀବନ ବଞ୍ଚାଇବାକୁ ସେ ଚିତ୍କାର କରିବାରୁ ନିକଟରେ ଦୋକାନ କରିଥିବା ମନୋରଞ୍ଜନ ସାହୁ,ରବିନ୍ଦ୍ର ସାହୁ ଆସି ଖଟଣା ସ୍ଥଳରେ ପହଞ୍ଚିବାରୁ କର୍ମଚାରୀମାନେ ଉପରୋକ୍ତ ବ୍ୟକ୍ତିଦ୍ୱୟଙ୍କୁ ଆକ୍ରମଣ କରବା ସହ ଲହୁଲୁହାଣ କରି ସେଠାରୁ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ସମୀର ଆଗରପଡ଼ା ଥାନାରେ ଲିଖିତଭାବେ ଅଭିଯୋଗ କରିଥିବା ଜଣାପଡ଼ିଛି। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବାକୁ ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।



ବିଜେଡିରେ ଯୋଗଦେବା ପରେ ବରିଷ୍ଠ ବିଜେଡି ନେତା ତଥା '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଓ ଦଳର ଅନ୍ୟ ନେତାଙ୍କ ସହ ଭଦ୍ରକ ପୌରାଧ୍ୟକ୍ଷା ଗୁଲମକ୍କି ଦଲୱାଜୀ ହବିବ୍

## ନୃତ୍ୟାଙ୍ଗନା ନୃତ୍ୟ ଓ ସଙ୍ଗୀତର ଦ୍ୱିତୀୟ ମହୋତ୍ସବ

**ଧାମନଗର,୯।୪(ସମିସ):** ଧାମନଗର ଏନ୍‌ଏସି ଅଧୀନ ୫ନମ୍ବର ୱାର୍ଡ ସ୍ଥିତ ଆହାର କେନ୍ଦ୍ର ଓ ପଶୁ ମେଡିକାଲ ପଡିଆଠାରେ ନୃତ୍ୟାଙ୍ଗନା ନୃତ୍ୟ ଓ ସଙ୍ଗୀତ ମହୋତ୍ସବ-୨୦୨୪ ପାଳିତ ହୋଇଯାଇଛି। ନୃତ୍ୟ ଗୁରୁ ଗଣେଶ୍ୱର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଧାମନଗର ବିଡିଓ ଝାନସୀରାଣୀ ତପସ୍ୱୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ଶିକ୍ଷକ ସମୀର ରଞ୍ଜନ ଗୋସ୍ୱାମୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମହେଶ୍ୱର ସ୍ୱାଇଁ, ସାମ୍ବାଦିକ ସେକ୍ ଜାଫର ଅଲ୍ଲୀ ପ୍ରମୁଖ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ମହୋତ୍ସବ କମିଟି ସଭାପତି ରବିନାରାୟଣ ଖିଲାର, ସମ୍ମାନିତ ଅତିଥି ଭାବେ କଳାକାର ସଂଘର ବ୍ଲକ ଉପସଭାପତି ସୁବାସ ଚନ୍ଦ୍ର ମଲ୍ଲିକ, ଯାଜପୁର ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ମନୋଜ ଜେନା, କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକର ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ହେମେନ୍ଦ୍ର ନାଥ ମହାନ୍ତି, ସାମ୍ବାଦିକ ପ୍ରଦୀପ ମହାପାତ୍ର, ଓକିଲ ସୁଧାଂଶୁ ଶେଖର ନାୟକ, ଧାମନଗର ଓକିଲ ସଂଘ ଉପସଭାପତି ବିଜୟ ରାମ୍, ଶିକ୍ଷକ ମନୋଜ ସିଂହ, ସୁରେନ୍ଦ୍ର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ନବଜୀବନ ଫାଉଣ୍ଡେସନ ମୁଖ୍ୟ ମାନସ ରଞ୍ଜନ ସାହୁ, ଶିକ୍ଷକ ବିଶ୍ୱଜିତ ବାରିକ, ସୁଜିତ ସାହୁ ପ୍ରମୁଖଙ୍କ ଅନ୍ୟ ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ମଞ୍ଚାସୀନ ଅତିଥି ମାନଙ୍କ ଦ୍ୱାରା ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। କୁନିକୁନି ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଙ୍ଗୀତ ନୃତ୍ୟ ପରିବେଷଣ କରିଥିବା ବେଳେ ମୀନକେତନ ସାହୁ, କଳାକାର ଓ ନୃତ୍ୟ ସଙ୍ଗୀତ ଶିକ୍ଷକ ସତ୍ୟବ୍ରତ ବିନ୍ଧାଣି, ନିଟିନ ଓଝା, ଦୀପକ କୁମାର ନାୟକ, ପ୍ରଭୁରଞ୍ଜନ ଉପାଧ୍ୟାୟ, ହରପ୍ରିୟ ଖିଲାର, ଆଲୋକ ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଦୀପକ ନାୟକ ଅଧ୍ୟକ୍ଷ ନୃତ୍ୟାଙ୍ଗନା ମ୍ୟୁଜିକ ସ୍କୁଲ ଧାମନଗର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



## ବନ୍ତରେ ବିଜେଡିର ବିଶାଳ କର୍ମୀ ସମ୍ମିଳନୀ

**ବନ୍ତ/ଆଗରପଡ଼ା,୯।୪(ସମିସ):** ଆଗାମୀ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ବିଜେଡି ପକ୍ଷରୁ ବନ୍ତ ବ୍ଲକର ଡିଗି ପୋଖରୀ ଛକଠାରେ ଏକ କର୍ମୀ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏଥିରେ ବନ୍ତ ବ୍ଲକର ୨୫ଟି ପଞ୍ଚାୟତର ନେତୃବୃନ୍ଦଙ୍କ ସମେତ ସହସ୍ରାଧିକ କର୍ମୀ ଯୋଗ ଦେଇଥିଲେ। ପ୍ରଥମେ ଗଣିଜାଙ୍ଗ ବଜାରଠାରୁ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଣ୍ଡାରିପୋଖରୀ ବିଧାୟକ ପ୍ରାର୍ଥୀ ସଞ୍ଜୀବ ମଲ୍ଲିକ, ଭଦ୍ରକ ଜିଲ୍ଲା ପର୍ଯ୍ୟବେକ୍ଷକ ସଞ୍ଜୟ ଦାସବର୍ମା, ଭଦ୍ରକ ସାଂସଦ ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ ପ୍ରମୁଖଙ୍କୁ ସ୍ୱାଗତ କରିବା ପରେ ସେଠାରୁ ଏକ ବିଶାଳ ବାଇକ୍ ଶୋଭଯାତ୍ରାରେ ସଭା ସ୍ଥଳିକୁ ପାଛୋଟି ନେଇଥିଲେ। ଡିଗି ପୋଖରୀ ଛକ ଠାରେ ଭଦ୍ରକ ଜିଲ୍ଲା ପର୍ଯ୍ୟବେକ୍ଷକ ସଞ୍ଜୟ ଦାସ ବର୍ମାଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀ ସଭାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ଜିଲ୍ଲା ଉପସଭାପତି ପ୍ରଶାନ୍ତ ଦାଶ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବନ୍ତ ବ୍ଲକ ଉପାଧ୍ୟକ୍ଷା ପ୍ରଗତିବାଳା ସ୍ୱାଇଁ, ଭଣ୍ଡାରିପୋଖରୀ ବ୍ଲକ ଅଧ୍ୟକ୍ଷା, ଭଣ୍ଡାରିପୋଖରୀ ବ୍ଲକ ଉପାଧ୍ୟକ୍ଷ ପ୍ରଣିତିକାନ୍ତ ସାମଲ, ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ସଭାପତି ବିପିନ ବିହାରୀ ନାୟକ, ରାଜ୍ୟ ସଂପାଦକ ଚିନ୍ମୟ ଦାସ, ବ୍ଲକ ସଭାପତି ଲକ୍ଷ୍ମୀଧର ମହାନ୍ତି, ଯୁବ ସଭାପତି ସତ୍ୟ ସାଧନ ବେଜ, ଛାତ୍ର ସଭାପତି ପ୍ରଣବ କିଶୋର ଲେଙ୍କା, ଯୁବ ନେତା ଲାଲା ସ୍ୱାଇଁ, ଆଲୋକ ରାଉତ, ସେକ୍ ଜଲ୍ଲାଲ୍‌ଉଦ୍ଦିନଙ୍କ ସମେତ ବିଭିନ୍ନ ପଞ୍ଚାୟତର ନେତୃବୃନ୍ଦ ଉପସ୍ଥିତ ଥିଲେ।



## ଧର୍ମ ପରାୟଣ ମହିଳାଙ୍କ ପରଲୋକ



**ଭଣ୍ଡାରୀପୋଖରୀ/ବାରିକପୁର,୯।୪(ସମିସ):** ଭଣ୍ଡାରୀପୋଖରୀ ବ୍ଲକ ମାଳଦା ପଞ୍ଚାୟତ ସାରଣା ଗାଁର ବିଶିଷ୍ଟ ଧର୍ମପରାୟଣ ମହିଳା କେଶୀ ପାଣିଗ୍ରାହୀ ୭୬ ବର୍ଷ ବୟସରେ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ସେ ବିଶିଷ୍ଟ ଶିଳ୍ପୀ ଜୟରାମ ପାଣିଗ୍ରାହୀଙ୍କ ପତ୍ନୀ ଓ ଗାୟକ କଳାକାର ଅନିରୁଦ୍ଧ ପାଣଗ୍ରାହୀଙ୍କ ଭାଇବୋହୂ ଅଟନ୍ତି। ତାଙ୍କ ମରଶରୀରକୁ ବଡ଼ ପୁଅ ସମାଜସେବୀ ପବିତ୍ର, ସାନ ଚଗଲା, ଦୁଇ ଝିଅ, ଗ୍ରାମବାସୀମାନେ ଯାଜପୁର ବୈତରଣୀ ନଦୀକୂଳ ବାରୁଣୀ ପଡ଼ିଆରେ ଅନ୍ତିମ ସଂସ୍କାର କରିଥିଲେ। ପୁତୁରା ସତ୍ୟଜିତ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

## ୧୧ରେ ପାଳନ ହେବ 'ଇଦ-ଉଲ -ଫିତର'

**ଭଦ୍ରକ,୯।୪(ସମିସ):** ଭଦ୍ରକ ମୁସଲିମ ଜମାତ ହଲାଲ କମିଟିର ଏକ ବୈଠକ ମଙ୍ଗଳବାର ସନ୍ଧ୍ୟା ୭ଟାରେ ପୁରୁଣା ବଜାର ସ୍ଥିତ ମଦିନା ମଇଦାନଠାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ ଇଦ-ଉଲ-ଫିତର ଚନ୍ଦ୍ରର ସହାଦାତ (ଚନ୍ଦ୍ରକୁ ଦେଖିଥିବା ଲୋକ) ପାଇଁ ବସିଥିଲା। ତେଣୁ କୌଣସି ଜଗରରେ ଚନ୍ଦ୍ର ହୋଇ ନ ଥିବାରୁ ପବିତ୍ର ରମଜାନ ମାସର ୩୦ ରୋଜା (ଉପବାସ) ରଖିବେ ଏବଂ ଇଦ-ଉଲ -ଫିତରର ନମାଜ ୧୧ ତାରିଖ ଗୁରୁବାରରେ ଭଦ୍ରକ ସହିତ ସମଗ୍ର ଭାରତ ବର୍ଷରେ ପାଳିତ ହେବ ଓ ଜାମା ମସଜିଦର ସମୟ ସକାଳ ୯.୧୫ ଘଟିକା ସମୟରେ ଏବଂ ଇଦ୍‌ଗାରେ ସକାଳ ୯.୩୦ଟାରେ ନମାଜ ପାଠ ହେବ ବୋଲି ହଲାଲ କମିଟିର ସଭାପତି ମୌଲାନା ଫଜଲେ ହକ ଏବଂ ମୁସଲିମ ଜମାତର ସଭାପତି ହାଜି ଅବଦୁଲ ବାରୀ ଘୋଷଣା କରିଛନ୍ତି। ଏଥିରେ ମୁସଲିମ ଜମାତର ସାଧାରଣ ସମ୍ପାଦକ ହାଜି ଇନାମ ମହମ୍ମଦ, ସମ୍ପାଦକ ହାଜି ଅବଦୁଲ ମୁକିତ ଖାନ, ସମ୍ପାଦକ ଶେଖ ସିରାଯୁଦ୍ଦିନ, ହାଜି ଅନୱାର ହୋସେନ, ମିର୍ଜା ଏକ୍ରାମ ବେଗ, ମୁସ୍ତାକ ଗୌହର, ମିଡ଼ିଆ ସେଲ ସଂଯୋଜକ ଶେଖ ଅନୱର(ବାବୁ), ହାଜି କାସିମ ଖାନ, ହାଜି ସୁଫିଆନ, ହାଜି କୈୟୁମ ଏବଂ ମସଜିଦର ମୌଲାନା ମାନେ ଉପସ୍ଥିତ ରହିଥିଲେ।



## ବୟାଙ୍ଗଡିହି ନାଏବ ସରପଞ୍ଚଙ୍କୁ ସରପଞ୍ଚ ଦାୟିତ୍ୱ

ଭଦ୍ରକ,୯।୪ (ସମିସ)

ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ବୟାଙ୍ଗଡିହି ସରପଞ୍ଚ ଭାବେ ସମସ୍ତ କାର୍ଯ୍ୟ ତୁଲାଇବା ଲାଗି ପଞ୍ଚାୟତର ନାଏବ ସରପଞ୍ଚଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଭଦ୍ରକ ଉପଜିଲ୍ଲାପାଳ ମନୋଜ ପାତ୍ର। ଭଦ୍ରକ ଜିଲ୍ଲା ଓ ଦୌରା ଜଜଙ୍କ ରାୟ ଆଧାରରେ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏ ସଂପର୍କରେ ଗତ ମାର୍ଚ୍ଚ ୩୦ ତାରିଖରେ ଏକ ଚିଠି କରିଛନ୍ତି ଉପଜିଲ୍ଲାପାଳ। ପଞ୍ଚାୟତରେ ନୂଆ ସରପଞ୍ଚ ପଦବୀ ପାଇଁ ନିର୍ବାଚନ ହେବା ଯାଏ ସେ ଏହି ଦାୟିତ୍ୱ ତୁଲାଇବାକୁ ଚିଠିରେ କୁହାଯାଇଛି। ଏଣୁ ଯଥାଶୀଘ୍ର ନାଏବ ସରପଞ୍ଚଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ବିଦାୟୀ ସରପଞ୍ଚ କୁନ୍ତଳା ମଲ୍ଲିକଙ୍କୁ କହିଛନ୍ତି। ଏ ସମସ୍ତ ପ୍ରକ୍ରିୟାକୁ ଯଥାଶୀଘ୍ର ସାରିବା ଲାଗି ଧାମନଗର ବିଡିଓ ବନବିହାରୀ ଦିନ୍ଦାଙ୍କୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପତ୍ର ଲେଖିଛି। ଓଡ଼ିଆ ଲେଖିପଢ଼ି ଜାଣି ନଥିବାରୁ ବୟାଙ୍ଗଡିହିର ସରପଞ୍ଚ କୁନ୍ତଳା ମଲ୍ଲିକଙ୍କୁ ଧାମନଗର ଦେୱାନୀ ଅଦାଲତ ୨୦୨୩ ଅଗଷ୍ଟ ୩୧ ତାରିଖରେ ଅଯୋଗ୍ୟ ଘୋଷଣା କରିଥିଲେ। ଏହାସହ ପଞ୍ଚାୟତର ନାଏବ ସରପଞ୍ଚଙ୍କୁ ସରପଞ୍ଚ ଭାବେ ଦାୟିତ୍ୱ ଦେବାକୁ ପଦକ୍ଷେପ ନେବା ଲାଗି ଭଦ୍ରକ ଉପଜିଲ୍ଲାପାଳ ଓ ଧାମନଗର ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଭଦ୍ରକ ଉପଜିଲ୍ଲାପାଳ ଏନେଇ ଏକ ବିଜ୍ଞପ୍ତି ଜାରି କରି ପଞ୍ଚାୟତର ନାଏବ ସରପଞ୍ଚଙ୍କୁ କ୍ଷମତା ହସ୍ତାନ୍ତର କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁସାରେ ଧାମନଗର ବ୍ଲକ ପ୍ରଶାସନ ପଦକ୍ଷେପ ନେଇଥିଲେ। ହେଲେ ସରପଞ୍ଚ କୁନ୍ତଳା ମଲ୍ଲିକ ଧାମନଗର କୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ଭଦ୍ରକ ଜିଲ୍ଲା ଓ ଦୌରାଜଜଙ୍କ କୋର୍ଟରେ ଆବେଦନ କରିଥିଲେ। କୋର୍ଟ ଏହାର ଶୁଣାଣି କରି ୨୦୨୩ ସେପ୍ଟେମ୍ବର ୨୨ରେ ଧାମନଗର କୋର୍ଟଙ୍କ ରାୟ ଉପରେ ରହିତାଦେଶ ଦେଇଥିଲେ। ଫଳରେ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଏହାସହ କୁନ୍ତଳା ପୁଣି ପୂର୍ବ ଭଳି ସରପଞ୍ଚ ଭାବେ କାର୍ଯ୍ୟ ସଂପାଦନ କଲେ। ତେବେ ଗତ ମାର୍ଚ୍ଚ ୧୩ ତାରିଖରେ ଭଦ୍ରକ ଜିଲ୍ଲା ଓ ଦୌରା ଜଜ୍ ଏହାର ଶୁଣାଣି କରି ରହିତାଦେଶକୁ ହଟାଇଥିଲେ। ଏହାସହ ଧାମନଗର ଦେୱାନୀ ଅଦାଲତ ଦେଇଥିବା ରାୟକୁ କାଏ ରଖିଥିଲେ। ଧାମନଗର କୋର୍ଟଙ୍କ ରାୟ ଅନୁସାରେ କୁନ୍ତଳାଙ୍କୁ ଅଯୋଗ୍ୟ ଘୋଷଣା କଲେ କୋର୍ଟ। ଏହାସହ ପଞ୍ଚାୟତରେ ସାନି ନିର୍ବାଚନ କରିବା ଲାଗି ନିର୍ଦ୍ଦେଶ ଦେଲେ। ତେବେ ସାନି ନିର୍ବାଚନ ହେବା ଯାଏ ନାଏବ ସରପଞ୍ଚ ପଞ୍ଚାୟତର ସରପଞ୍ଚ ଭାବେ ସମସ୍ତ ଦାୟିତ୍ୱ ତୁଲାଇବେ ବୋଲି କୋର୍ଟ ରାୟରେ ଉଲ୍ଲେଖ କରିଥିଲେ। ଏବେ ଉପଜିଲ୍ଲାପାଳ କୋର୍ଟଙ୍କ ରାୟକୁ କାର୍ଯ୍ୟକାରୀ କରିବା ଲାଗି ଧାମନଗର ବିଡିଓ, ବୟାଙ୍ଗଡିହି ସରପଞ୍ଚ ଓ ନାଏବ ସରପଞ୍ଚଙ୍କୁ ଚିଠି କରିଛନ୍ତି।



## ୭୭ ବର୍ଷରେ ନରସିଂହପୁର ରଟନ୍ତି କାଳୀପୂଜା ଉତ୍ସବ

**ଭଦ୍ରକ, ୯ ।୪(ସମିସ):** କନିକା ପ୍ରଜାମେଳି ସମୟରେ ଆରମ୍ଭ ହୋଇଥିବା ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅଧୀନ ଧାମରା ନିକଟ ନରସିଂହପୁର ରଟନ୍ତି କାଳି ପୂଜାକୁ ଆଜି ୭୭ ବର୍ଷ ଅତିକ୍ରମ କରିଛି । କନିକାର ତତ୍କାଳୀନ ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓଙ୍କ ଅତ୍ୟାଚାରୀ ଶାସନରେ ଅତିଷ୍ଠ ହୋଇ ପ୍ରଜାମାନେ ବିଭିନ୍ନ ଇଲାକାରେ ଦେବୀ ମାନଙ୍କୁ ପ୍ରତିଷ୍ଠା କରି ରାଜାଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା ପାଇଁ ଶକ୍ତି ସଂଗ୍ରହ କରିବାକୁ ଉଦ୍ୟମଜାରି ରଖିଥିବା ବେଳେ ହଳଦିଆରେ ମା' ଦୁର୍ଗା ଓ ନରସିଂହପୁର ଠାରେ ମା'କାଳୀଙ୍କ ପୂଜା ଆରମ୍ଭ କରିଥିଲେ । ପ୍ରଜା ମେଳିର ଅନ୍ୟତନ କର୍ଣ୍ଣଧାର ମଧୁସୂଦନ ଜେନାଙ୍କ ଦ୍ୱାରା ପ୍ରତିଷ୍ଠିତ ନରସିଂହପୁରଠାରେ ମା'ରଟନ୍ତି କାଳୀ, ସାପ୍ତାହିକ ହାଟ ଓ ମନ୍ତେଇ ନଦୀ ଉପରେ ଫେରି ଘାଟ ୧୯୪୬ ମସିହାରେ ପ୍ରତିଷ୍ଠା



ହୋଇଥିବା ଜଣାଯାଇଛି । ତେବେ ଚୈତ୍ର ମାସ କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ ଦିନ ଆରମ୍ଭ ହୋଇ ଏହି ପୂଜା ତିନି ଦିନ ଧରି ଚାଲୁଥିବା ବେଳେ ଏହି ପୂଜା ଦେଖିବାକୁ ହଜାର ହଜାର ଲୋକ ଏକତ୍ରୀତ ହେଉଥିବା ଦେଖିବାକୁ ମିଳୁଛି । ୧୯୪୬ ମସିହାରୁ ୨୦୦୦ ମସିହା ପର୍ଯ୍ୟନ୍ତ ନରସିଂହପୁର ରଟନ୍ତି କାଳି ପୂଜା ଅଞ୍ଚଳର ଏକ ପ୍ରମୁଖ ପୂଜା ଭାବରେ ଗଣା ଯାଉଥିବା ବେଳେ ଧାମରା, ଜାଗୁଲା, ବାଂଶଡା, ଦୋସିଙ୍ଗା, କଇଥଖୋଲା, କରଞ୍ଜମାଳ, କରଣପଲ୍ଲୀ ଓ ପଞ୍ଚୁଟିକ୍ରୀ ଆଦି ନଦୀ ପାରୀ ପଞ୍ଚାୟତମାନଙ୍କର ମିଳିତ ଉଦ୍ୟମରେ ଏହି ପୂଜା ଏକ ପ୍ରମୁଖ ଉତ୍ସବ ଭାବରେ ଗଣାଯାଉଥିଲା । ଗ୍ରାମବାସୀଙ୍କ ଉଦ୍ୟମରେ ଏହି ପୂଜା ସୁରୁଖୁରରେ ଚାଲୁଥିବା ବେଳେ ଦଳଗତ ନିର୍ବିଶେଷରେ ସମସ୍ତେ ଏକ ମନ ହୋଇ ମା'ଙ୍କ ପୂଜାକୁ ଧୁମଧାମରେ ପାଳନ କରୁଛନ୍ତି ।

## ଭଦ୍ରକ ମହିଳା ମହାବିଦ୍ୟାଳୟ ଓଡ଼ିଆ ବିଭାଗରେ ସମ୍ମାନ




**ଭଦ୍ରକ, ୯ ।୪(ସମିସ):** ବିଶ୍ୱ ସାହିତ୍ୟରେ ଉତ୍ତର ଆଧୁନିକତା ଏକ ପାଶ୍ଚାତ୍ୟ ଦର୍ଶନ ଭାବେ ପ୍ରବେଶ କରିଛି, ମାତ୍ର ଓଡ଼ିଆ ସାହିତ୍ୟରେ ଏହାର ପ୍ରୟୋଗ ସମ୍ପୂର୍ଣ୍ଣ ଦେଶୀୟ ପୃଷ୍ଠଭୂମି ଉପରେ ପର୍ଯ୍ୟବେସିତ । କାରଣ ପାଶ୍ଚାତ୍ୟ 'ନେତିବାଦ' ମାନସିକତା ଭାରତ ଭୂମିକୁ ସମ୍ପୂର୍ଣ୍ଣ ରୂପେ କବଳିତ କରିନାହିଁ । ଆଜି ମଧ୍ୟ ଆମ ଅନ୍ତରାତ୍ମାରେ 'ଅସ୍ତି'ର ଜିଜ୍ଞାସା ନିହିତ । ଏଣୁ ଏବେର ନୂଆ କବିତା ମାନବର ନିକଟତମ ହୋଇଛି ଓ ମାନବର ଚିନ୍ତାଚେତନାକୁ ଅନ୍ତରଙ୍ଗ ଭାବରେ ପ୍ରକାଶ କରିବାକୁ ବ୍ରତୀ ହୋଇଛି ବୋଲି ଭଦ୍ରକ ମହିଳା ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଦ୍ୱାରା ଆୟୋଜିତ ସମ୍ମାନରେ ବିଷୟ ବିଶାରଦ ତଥା ମୁଖ୍ୟବକ୍ତା ଭାବେ ଯୋଗଦେଇ ପାଳିଆବିନ୍ଧା ବିଏନ୍ଏମ୍ଏ କଲେଜ ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଡ.ବିଶ୍ୱରଞ୍ଜନ ଦାସ ମତବ୍ୟକ୍ତ କରିଛନ୍ତି । ମୁଖ୍ୟଅତିଥି ଭାବରେ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ କବି ହୃଦାନନ୍ଦ ପାଣିଗ୍ରାହୀ ଯୋଗଦେଇ ସତ୍ କବିତାର ଚିରସବୁଜ ଓ କବିତାର ଆତ୍ମିକ ଓ ଆଙ୍ଗିକ ସୌନ୍ଦର୍ଯ୍ୟ ସର୍ବଦା ପ୍ରଭାବଯୁକ୍ତ ବୋଲି ମତବ୍ୟକ୍ତ କରିଥିଲେ । ବିଭାଗମୁଖ୍ୟ ଅଧ୍ୟାପକ ଡ. ଅଭୟ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମ୍ମାନରେ ଅଧକ୍ଷା ସୁପ୍ରୀତି କର ପାଠଚକ୍ରର ଉଦ୍‌ଘାଟନ କରିଥିଲେ । ଡ.ଅନିତାରାଣୀ ବାରିକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପିକା ପ୍ରମିଳା ଜେନା ସ୍ୱାଗତ ଭାଷଣ ଦେଇଥିଲେ । ଅଧ୍ୟାପିକା ପୁଷ୍ପଲତା ଧଳ, ଗୀତାଞ୍ଜଳି ସାହୁ, ସ୍ନିଗ୍ଧା ରାଣୀ ଖୁଣ୍ଟିଆ, ଅନିତା ପୂର୍ତ୍ତି, ନମିତା ନାୟକ, ଅଧ୍ୟାପକ ରାଜେଶ ପାହାରୀ, ଅନିଲ୍ ବେହେରା ପ୍ରମୁଖ ସମ୍ମାନ ପରିଚାଳନା କରିଥିଲେ । ଅଧ୍ୟାପିକା ମଧୁବ୍ରତା ମଲ୍ଲିକ ଶେଷସ୍ପର୍ଶ ପ୍ରଦାନ କରିଥିଲେ ।

## ବାବା ମଣି ଡିଗ୍ରୀ ମହାବିଦ୍ୟାଳୟରେ ବିଦାୟୀକାଳୀନ ସଭା




**ଅସୁରାଳି, ୯ ।୪(ସମିସ):** ବାବାମଣି ଡିଗ୍ରୀ ମହାବିଦ୍ୟାଳୟର ଦର୍ଶନ ବିଭାଗର ଯୁକ୍ତ ୩ ଶେଷ ବର୍ଷର ବିଦାୟୀ କାଳୀନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ସନ୍ତୋଷ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିଚାଳନା ସଭାପତି ସେବା ନିବୃତ୍ତ ଅଧ୍ୟାପକ ତ୍ରିଲୋଚନ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବିଭାଗୀୟ ମୁଖ୍ୟ ଅଧ୍ୟାପକ ନୀକୁଞ୍ଜ କିଶୋର ଜେନା ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହା ବ୍ୟତୀତ ଅନ୍ୟାନ୍ୟ ମୁଖ୍ୟ ବ୍ୟକ୍ତିତ୍ୱ ମଧ୍ୟରେ ପୂର୍ବତନ ପରିଚାଳନା ସଭାପତି ବ୍ରଜେନ୍ଦ୍ର ମହାନ୍ତି, ସମାଜସେବୀ ମୃତ୍ୟୁଞ୍ଜୟ ସାହୁ, ବରିଷ୍ଠ ସାମ୍ବାଦିକ ଦିପ୍ତିରଞ୍ଜନ ନାୟକ, ସମାଜସେବୀ ସାମ୍ବାଦିକ ସନ୍ତୋଷ ଦାସ, ସାମ୍ବାଦିକ ରତିକାନ୍ତ ନାୟକ, ଅଧ୍ୟାପକ ବିଜୟ ଦାସ, ଅଧ୍ୟାପକ ବ୍ରଜମୋହନ ମହାନ୍ତି, ଅଧ୍ୟାପକ ପ୍ରଶାନ୍ତ ନାୟକ, ଅଧ୍ୟାପକ କୃଷ୍ଣଚନ୍ଦ୍ର କବି, ଅଧ୍ୟାପକ କେଶବ କର ପଣ୍ଡା, ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ରାଉତ, ଅଧ୍ୟାପିକା ମନ୍ଦାକିନୀ ମହାପାତ୍ର, ଅଧ୍ୟାପିକା ଶୁଭ ସଙ୍ଗୀତା ବିଶ୍ୱାଳ, ଡ.ପ୍ରଣତି ପଟ୍ଟନାୟକ, ପ୍ରସନ୍ନ ବଳ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କ ଉତ୍ସାହ ବୃଦ୍ଧି କରିଥିଲେ ।

### ଡାଲି ଜାତୀୟ ଫସଲ ଉତ୍ପାଦନକୁ ଗୁରୁତ୍ୱ

# ପୋକ ଦମନ କରିବ ଲାଇଟ୍ ଟ୍ରାପ୍ ବତି ଓ ଫେରୋମନ୍ ଟ୍ରାପ୍ ଯନ୍ତା

ଧାମନଗର, ୯ ।୪(ସମିସ)

ରାଜ୍ୟ ଯୋଜନା କ୍ରମରେ ବ୍ଲକ କୃଷି କାର୍ଯ୍ୟାଳୟ ପକ୍ଷରୁ ଧାନ ପରବର୍ତ୍ତୀ ପଡ଼ିଆ ଜମିର ପରିଚାଳନା, ଡାଲି ଜାତୀୟ ଫସଲ ନାମକ କାର୍ଯ୍ୟକ୍ରମ ସଫଳ ହେବାକୁ ଯାଉଛି । ଡାଲି ଜାତୀୟ ଫସଲ ଉତ୍ପାଦନକାରୀ ଚାଷୀ ମାନଙ୍କ ପାଇଁ ପ୍ରୋତ୍ସାହନମୂଳକ ପଦକ୍ଷେପ ନେଇଛି କୃଷି ବିଭାଗ । ବିରି, ମୁଗ ଓ କୋଳଥ ଚାଷକୁ ବିଷାକ୍ତ ଫସଲ କ୍ଷୟକାରୀ କୀଟପତଙ୍ଗ ଠାରୁ ରକ୍ଷା ପାଇଁ ବିଭାଗ ଅପଣାଇଛି ନୂତନ ଜ୍ଞାନକୌଶଳ । ରାତିରେ (ଲାଇଟ ଟ୍ରାପ) ସୋଲାର ଚଳିତ ଲାଇଟ ମୁଗ ବିଲରେ ଜାଳିଲେ ବିଷାକ୍ତ ପୋକ ମାନେ ସେହି ଲାଇଟ ସଂସ୍ପର୍ଶରେ ଆସି ମରିଯିବେ । ଏଥି ସହିତ ଫେରୋମନ ଟ୍ରାପ (ପୋକ ପଡ଼ିବା ଯନ୍ତା) ବ୍ୟବହାର କରି ଫସଲ କ୍ଷୟକାରୀ ବିଷାକ୍ତ କୀଟମାନଙ୍କ ଦାଉରୁ ଫସଲକୁ ରକ୍ଷା କରି ପାରିବେ । ଯାହା ଫଳରେ କୀଟନାଶକ ଔଷଧ ବାବଦରେ ଅତ୍ୟଧିକ ଖର୍ଚ୍ଚରୁ ଚାଷୀଟି



ରକ୍ଷା ପାଇବ । ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ବ୍ଲକ କୃଷି କାର୍ଯ୍ୟାଳୟ ମାଧ୍ୟମରେ ହେକ୍ଟରକୁ ଗୋଟିଏ ଲାଇଟ ଏବଂ ୨ଟି ଯନ୍ତା ବିନା ମୂଲ୍ୟରେ ଯୋଗାଇ ଦିଆଯାଇଛି । ଏଭଳି ଲାଇଟ ଓ ଯନ୍ତା ନେଇ ମୁଗ ଚାଷୀ ରବୀନ୍ଦ୍ର ବାରିକ ଓ ପ୍ରଭାତ ରଞ୍ଜନ ପଣ୍ଡାଙ୍କ ସମେତ ବହୁ ଚାଷୀ କୀଟନାଶକ ଖର୍ଚ୍ଚରୁ ତ୍ରାହି ପାଇଥିବା ସ୍ୱୀକାର କରିଛନ୍ତି ।

ଧାମନଗର ବ୍ଲକ କୃଷି ଅଧିକାରୀ ଭାସ୍କର ଚନ୍ଦ୍ର ଦାସ ଓ ଗ୍ରାମ୍ୟ କୃଷି କର୍ମଚାରୀ ଅଜୟ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦଳାଙ୍ଗ ପଞ୍ଚାୟତରେ ପାଖାପାଖି ୫ଶହ ଏକର ଚାଷ ଜମିରେ ମୁଗ ଚାଷ ହୋଇଥିବା ବେଳେ ଚାଷୀ ମାନଙ୍କୁ ଏହି କୀଟନାଶକ ଲାଇଟ ବ୍ୟବହାର ପାଇଁ ପ୍ରଶିକ୍ଷଣ ଯୋଗାଇ ଦିଆଯାଇଛି । ସେହିପରି ଧାମନଗର, ଚୁଡାକୁଟି, ବୟାଙ୍ଗଡିହି, ରାଧାବଲ୍ଲଭପୁର ସମେତ ଭଗବାନପୁର ପଞ୍ଚାୟତ ଅନ୍ତର୍ଗତ ଅନହରପୁର ରାଜସ୍ୱ ଗ୍ରାମର ମହେଶ୍ୱର ସ୍ୱାଇଁ, କାର୍ତ୍ତିକ ଖଟୁଆ ଓ ଭାଗୀରଥି ସ୍ୱାଇଁ ପ୍ରମୁଖ ଚାଷୀ ୧୦୦ ଏକରରୁ ଊର୍ଦ୍ଧ୍ୱ ଜମିରେ ମୁଗ ଚାଷ କରି ବ୍ଲକ କୃଷି କାର୍ଯ୍ୟାଳୟ ପକ୍ଷରୁ ଏହି ସହାୟତା ପାଇଛନ୍ତି । ସରକାରଙ୍କ ପକ୍ଷରୁ ବିନା ମୂଲ୍ୟରେ ଯୋଗାଇ ଦିଆଯାଉଥିବା ବିହନ ନେଇ ବ୍ଲକ ଅଞ୍ଚଳର ଚାଷୀ ମାନେ ଅଧିକରୁ ଅଧିକ ଡାଲି ଜାତୀୟ ଚାଷରେ ବିଭାଗୀୟ ଜ୍ଞାନ କୌଶଳ ବ୍ୟବହାର କରି ସ୍ୱଳ୍ପ ଖର୍ଚ୍ଚରେ ଅଧିକ ଅମଳ ସହ ଲାଭବାନ ହେବାକୁ କୃଷି ଅଧିକାରୀ ଶ୍ରୀ ଦାସ ସୂଚନା ଦେଇଛନ୍ତି ।

ତେବେ ଏହି କାର୍ଯ୍ୟାଳୟର ଜନୈକ କର୍ମଚାରୀ କିଛି ଚାଷୀଙ୍କ ଆଇଡିକୁ ତଞ୍ଚକତା ସହ ରଦ୍ଦ କରିଥିବା ଅଭିଯୋଗ ହେଉଛି । ଶୁଣାଯାଏ ଏହି କର୍ମଚାରୀ ଜଣକ ବ୍ଲକ କୃଷି ଅଧିକାରୀଙ୍କୁ ବେଖାତିର କରିବା ସହ ଚାଷୀମାନଙ୍କ ନିକଟରେ ନିନ୍ଦିତ କରିବାକୁ ଚାହୁଁଛନ୍ତି । ଉକ୍ତ କର୍ମଚାରୀଙ୍କ ଏହି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନହେଲେ ବହୁ ଚାଷୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି ।

# ନଦୀବନ୍ଧରେ ବାଲି ବ୍ୟବହାରକୁ ନେଇ ଅସନ୍ତୋଷ

**ବାରିକପୁର, ୯ ।୪(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ବୈତରଣୀ ନଦୀବନ୍ଧର ମଞ୍ଜୁରୀରୋଡ଼ ବିରିଡି ଠାରୁ ମଣିନାଥପୁର ବଲ୍ଲବୀଘାଟ ଯାଏଁ ଏବେ ସଦୃଢ଼ୀକରଣ କାର୍ଯ୍ୟ ହେଉଛି । ନଦୀବନ୍ଧର ବନସ୍ତା, ବନ୍ଧାଲୋ-ମଡିଆଳି, ନେରଡ଼ା ସୀମାରେ ଯୁଦ୍ଧ କାଳୀନ ଭିତିରେ କାର୍ଯ୍ୟ ଚାଲିଥିବା ବେଳେ ଆଖୁଆପଦା ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ଠାରୁ ବଲ୍ଲବୀଘାଟ ଯାଏଁ ମଧ୍ୟ କାମ ଆରମ୍ଭ ହୋଇଛି । ନଦୀବନ୍ଧ ପ୍ରଶସ୍ତିକରଣ କାର୍ଯ୍ୟକୁ ନେଇ ଅଞ୍ଚଳବାସୀ ବେଶ ଉତ୍ସାହିତ ଅଛନ୍ତି । ବନ୍ୟା ବିପତ୍ତିରୁ ରକ୍ଷା ପାଇବା ଓ ଗମନାଗମନ ସୁବିଧା ଦୃଷ୍ଟିରୁ ରାଜ୍ୟ ସରକାର ଆଖୁଆପଦା ଆନିକଟ ଠାରୁ ମଣିନାଥପୁର ଯାଏଁ ବନ୍ଧ କାର୍ଯ୍ୟ ପାଇଁ ପ୍ରାୟ ୯କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି । ଠିକାସଂସ୍ଥା ପ୍ରାରମ୍ଭିକ ପର୍ଯ୍ୟାୟରେ ମେଣ୍ଟାଲ ଓ ଡଷ୍ଟ ବିଛାଇବା କାର୍ଯ୍ୟ ଆରମ୍ଭ କରିଥିବା ବେଳେ ବନ୍ଧ ପ୍ରଶସ୍ତିକରଣ ପାଇଁ ମାଟି କାମ ମଧ୍ୟ ହେଉଛି । ପରିତାପର ବିଷୟ ମଣିନାଥପୁର ବିନ୍ଧାଣ ସୀମା ମଧ୍ୟରେ ମାଟି ବଦଳରେ ବାଲି ବ୍ୟବହାର ହେଉଥିବା ଅଭିଯୋଗ ହେଉଛି । ନିୟମ ଅନୁଯାୟୀ ପ୍ରଥମେ ବନ୍ଧର ଦୁଇ ପାର୍ଶ୍ୱରେ ମାଟି ଦିଆଯାଇ ମେଣ୍ଟାଲ, ଡଷ୍ଟ



ପଡ଼ିବା କଥା । ୨ପର୍ଯ୍ୟାୟ ମେଣ୍ଟାଲିଂ ପରେ ପିଚ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଏଷ୍ଟିମେଟରେ ବ୍ୟବସ୍ଥା ମଧ୍ୟ ରହିଛି । ତେଣୁ ରାସ୍ତା କାର୍ଯ୍ୟରେ ବ୍ୟବହାର ହେଉଥିବା ଏସବୁ ଉପଦାନକୁ ସମ୍ପୂର୍ଣ୍ଣ ସୁରକ୍ଷା ଦେବାପାଇଁ ମାଟିର ଢେର ଆବଶ୍ୟକତା ରହିଛି । ଠିକାସଂସ୍ଥା ମାଟି ପାଇଁ ସ୍ଥାନୀୟ କିଛି ଟ୍ରାକ୍ଟର ମାଲିକଙ୍କୁ ଦାୟିତ୍ୱ ଦେଇଥିବା ବେଳେ ସେ ଏହାର ସୁଯୋଗ ନେଇ ବନ୍ଧ କାର୍ଯ୍ୟରେ ମାତ୍ରାଧିକ ବାଲି ବ୍ୟବହାର କରୁଥିବା ଜଣାଯାଇଛି । ୨ ପାର୍ଶ୍ୱରେ ବାଲି ରହିଲେ ତାହା ଧୀରେ ଧୀରେ ଖସିବା ସହିତ ବନ୍ଧରେ ବ୍ୟବହାର ହୋଇଥିବା ମେଣ୍ଟାଲ ଓ ଡଷ୍ଟ ମଧ୍ୟ ନଷ୍ଟ ହୋଇଯିବ ଏଥିରେ ସନ୍ଦେହ ନାହିଁ । ଏହାଦ୍ୱାରା କାମର ମାନ ମଧ୍ୟ କମିଯିବ । ଘଟଣାକୁ ନେଇ କନିଷ୍ଠ ଯନ୍ତ୍ରୀଙ୍କ ଅବଗତ କରାଯାଇଥିବା ବେଳେ ସେ କ୍ଷେତ୍ରକୁ ଯାଇ ସମସ୍ତ ସ୍ଥାନରେ ମାଟି ବ୍ୟବହାର ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି ।

# ଧାମରା ପୋର୍ଟରେ ଜାତୀୟ ନୌବାଣିଜ୍ୟ ସପ୍ତାହ

ଭଦ୍ରକ, ୯ ।୪(ସମିସ):ଆଦାନୀ ଧାମରା ପୋର୍ଟ ପକ୍ଷରୁ ଜାତୀୟ ନୌବାଣିଜ୍ୟ ସପ୍ତାହ ପାଳିତ ହୋଇଯାଇଛି । ବିଶ୍ୱ ବାଣିଜ୍ୟରେ ସାମୁଦ୍ରିକ ପରିବହନର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସମ୍ମାନ ଦେବା ନିମନ୍ତେ ଏହି ସପ୍ତାହ ପାଳନ କରାଯାଇଥାଏ । ମାର୍ଚ୍ଚ ୩୦ ତାରିଖରୁ ଏପ୍ରିଲ ୫ ତାରିଖ ପର୍ଯ୍ୟନ୍ତ ସପ୍ତାହବ୍ୟାପୀ ଚାଲିଥିବା କାର୍ଯ୍ୟକ୍ରମରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଶିକ୍ଷାଭିତ୍ତିକ କର୍ମଶାଳା ଆୟୋଜନ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏଥିସହ କ୍ରିକେଟ, ବ୍ୟାଡ୍‌ମିଣ୍ଟନ, ଟଗ୍ ଅଫ୍ ୱାରଆଦି କ୍ରୀଡ଼ା ପ୍ରତିଯୋଗିତା ନୌବାଣିଜ୍ୟ ସପ୍ତାହକୁ ଅଧିକ ଆକର୍ଷକ କରିଥିଲା । ଏହି ଅବସରରେ ପୋର୍ଟ ମଧ୍ୟରେ ଆୟୋଜିତ ସେମିନାରରେ ଅବସରପ୍ରାପ୍ତ ନିର୍ଦ୍ଦେଶକ, ଏମ୍ଏସ୍‌ଡି, ଆଇଏମ୍‌ଓ, ମିଳିତ ଜାତିସଂଘ ଅଶୋକ ମହାପାତ୍ର, ଇସ୍ରୋ ବୈଜ୍ଞାନିକ ଅମିତାଭ ମହାନ୍ତି ଏବଂ ପୂର୍ବତନ ଅଧକ୍ଷ, ଓଏଏସ୍ଏମ୍ଇ କ୍ୟାପଟେନ ହରେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ । ଆୟୋଜତି ପୁରସ୍କାର ବିତରଣୀ ସମାରୋହରେ ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ହୋଇଥିବା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଧାମରା ପୋର୍ଟ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବେନ୍ଦ୍ର ଠକର, ଧାମରା ପୋର୍ଟ ମୁଖ୍ୟ ପରିଚାଳନା ଅଧିକାରୀ ସଞ୍ଜୀବ ଗୁପ୍ତା, ପିଏଫ୍ଏସ୍‌ଓ ସଂରକ୍ଷକ ତଥା ଧାମରା ପୋର୍ଟ ନୌବାଣିଜ୍ୟ ମୁଖ୍ୟ କ୍ୟାପଟେନ ଅଜିତନାରାୟଣ ମହାପାତ୍ର ପ୍ରମୁଖ ପୁରସ୍କାର ବିତରଣ ସମାରୋହରେ ଉପସ୍ଥିତ ଥିଲେ । କ୍ୟାପଟେନ ମିର୍ଜା ବେଗ୍, ବରିଷ୍ଠ ପାଇଲଟ୍ ନୌବାଣିଜ୍ୟ ସପ୍ତାହ ପାଳନର ଗୁରୁତ୍ୱ ଉପରେ ସଂକ୍ଷିପ୍ତ ବିବରଣୀ ଆଲୋଚନା କରି ଧନ୍ୟବାଦ ଅର୍ପଣ କରିଥିଲେ ।



## ବିଭୂତିଭୂଷଣଙ୍କୁ ଫକୀରମୋହନ ନନ୍ଦ ସ୍ମାରକୀ ସମ୍ମାନ

ତିହିଡି, ୯ ।୪(ସମିସ): ଭୁବନେଶ୍ୱର ସ୍ଥିତ ଜୟଦେବ ଭବନରେ 'ସମାରୋହ' ପତ୍ରିକା ଆନୁକୂଲ୍ୟରେ ବାର୍ଷିକ ସାରସ୍ୱତ ସମାରୋହରେ ତିହିଡ଼ି ନାରାୟଣ ସ୍ମୃତି ସେବା ଓ ସାହିତ୍ୟ ଗବେଷଣା ପରିଷଦର ସଭାପତି ବିଭୂତିଭୂଷଣ ସେନାପତିଙ୍କୁ ଫକୀରମୋହନ ନନ୍ଦ ସ୍ମାରକୀ ଶ୍ରେଷ୍ଠ ପ୍ରବନ୍ଧ ପୁରସ୍କାର ପ୍ରଦାନ କରାଯାଇଛି । ଶ୍ର ସେନାପତିଙ୍କ ବହୁ ଉଚ୍ଚକୋଟୀର ପ୍ରବନ୍ଧ ବିବିଧ ବିନ୍ୟାସ, ମଣିଷର ଭାଷା, ବିଦଗ୍ଧ ବସନ୍ତ ଏବଂ ବିଭାବିଚିତ୍ରା ଆଦି ୧୨ଖଣ୍ଡ ପୁସ୍ତକ ପ୍ରକାଶିତ ହୋଇଛି । ସମାରୋହ ପତ୍ରିକାର ମୁଖ୍ୟ ସମ୍ପାଦକ ଶୈଳରାଣୀ ମିଶ୍ର ଉକ୍ତ ଉତ୍ସବରେ ପୌରୋହିତ୍ୟ କରିଥିଲେ । ଏଥିରେ ଅତିଥି ଭାବେ ସଂତୃପ୍ତ ମିଶ୍ର ଓ ସୂଚନା ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାୟ, ପ୍ରଶାସକ ରବିନାରାୟଣ ନନ୍ଦ ଓ ସରୋଜ ସାମଲ ଯୋଗଦେଇଥିଲେ ।

## ଶିଶୁ ବିଦ୍ୟାମନ୍ଦିରରେ ରାଷ୍ଟ୍ରୀୟ ନବ ବର୍ଷ ପାଳିତ

**ଅସୁରାଳି, ୯ ।୪(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ଧୂଷୁରୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପବିତ୍ର ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି । ଉକ୍ତ ଅବସରରେ ପ୍ରଧାନ ଆଚାର୍ଯ୍ୟ, ରମାପଦ ରଣାଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ଉତ୍ସବରେ ଗୋବିନ୍ଦଜୀଉ ସଂସ୍କୃତ ଉଚ୍ଚ ବିଦ୍ୟାଳୟ, ଧୂଷୁରୀର ପ୍ରଧାନ ଶିକ୍ଷକ, ଅନ୍ନଦାଶଙ୍କର ମିଶ୍ର ମୁଖ୍ୟଅତିଥି ରୂପେ ଯୋଗ ଦେଇ ଶିଶୁ ଭାଇ ଓ ଭଉଣୀମାନଙ୍କୁ ମାର୍ଗ ଦର୍ଶନ କରାଇଥିଲେ । ଆଚାର୍ଯ୍ୟା ସରୋଜିନୀ ଜେନା ଅତିଥି ପରିଚୟ କରିଥିଲା ବେଳେ ଆଚାର୍ଯ୍ୟା ରାଧାସ୍ମିତା ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ଶିଶୁ ଭାଇ ଓ ଭଉଣୀମାନଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଇଥିଲେ । ଉକ୍ତ ଉତ୍ସବ ରେ ଆଚାର୍ଯ୍ୟା ରଶ୍ମିତା ବେହେରା, ପିଙ୍କିରାଣୀ ମାଝୀ, ଶୁଭସ୍ମିତା ପାଗଳ ଏବଂ ମିତାରାଣୀ ଖଟୁଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଆର୍ଯ୍ୟ ସମାଜର ପ୍ରତିଷ୍ଠା ଦିବସ

**ଭଦ୍ରକ, ୯ ।୪(ସମିସ):** ସଂସ୍କାରମୂଳକ କାର୍ଯ୍ୟ କରିବାରେ ବିଶ୍ୱର ଆର୍ଯ୍ୟ ସମାଜର ନାମ ସର୍ବାଗ୍ରେ ରହିବ ତଥା ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ, ବାୟୁ ଶୋଧନ ପାଇଁ ଯଜ୍ଞ କାର୍ଯ୍ୟ, ନାରୀ ସମ୍ମାନ ପ୍ରଦାନ, ବର୍ଣ୍ଣ ବ୍ୟବସ୍ଥା ପ୍ରଚଳନ ଆଦି କାର୍ଯ୍ୟରେ ପ୍ରଥମ ହୋଇଛି ବୋଲି ଆର୍ଯ୍ୟ ସମାଜର ପ୍ରତିଷ୍ଠା ଦିବସ ଓ ସୃଷ୍ଟି ଆରମ୍ଭ ଦିବସ ଉପଲକ୍ଷେ ଭଦ୍ରକ ଆର୍ଯ୍ୟ ସମାଜ ପକ୍ଷରୁ ଆୟୋଜିତ ସଭାରେ ବୈଦିକ ପ୍ରବକ୍ତା ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ପ୍ରକାଶ କରିଥିଲେ । ଆମେ ଆମ ପରିସ୍ଥିତି ସମ୍ପର୍କରେ ଅବଗତ ହୋଇନଥିବାରୁ ସ୍ୱଳ୍ପ ସମୟରେ ଆରମ୍ଭ ହୋଇଥିବା ମତକୁ ସ୍ୱୀକାର କରୁ । ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ । ଆମ ସଂସ୍କୃତିକୁ ଜାଣିବା ଓ ସେଥିରେ ନିଜକୁ ଗର୍ବ ଅନୁଭବ କରିବା ପ୍ରତ୍ୟେକ ଆର୍ଯ୍ୟଙ୍କ କାର୍ଯ୍ୟ ହେଉବୋଲି ମତ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଆର୍ଯ୍ୟ ସମାଜର ସମ୍ପାଦକ ଲକ୍ଷ୍ମୀଧର ପଣ୍ଡା ଓ ସହ ସମ୍ପାଦକ ରବି ନାରାୟଣ ଲେଙ୍କା ସଂଯୋଜନା କରିଥିଲେ । ଯଜ୍ଞରେ ଧନଞ୍ଜୟ ସାମଲଙ୍କ ପୁତ୍ର ଆୟୁଷ୍ମାନର ବୈଦିକ ରୀତି ଅନୁସାରେ ଜନ୍ମଦିନ ପାଳନ କରାଯିବା ସହ ପଣ୍ଡିତ ବୀରେନ୍ଦ୍ର ପଣ୍ଡା ଜନ୍ମଦିନ ପାଳନ କିପରି କରାଯିବା ଉଚିତ୍ ସେ ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ନନ୍ଦ କିଶୋର ସାହୁ, କାଶୀନାଥ ସାହୁ, ରାଜ କିଶୋର ସାହୁ, ଘନଶ୍ୟାମ ଲେଙ୍କା ଓ ବହୁ ବିଦ୍ୱାନ୍, ବିଦୁଷୀମାନେ ଉପସ୍ଥିତ ଥିଲେ ।

### ଗୋପିନାଥପୁରରେ ଲୋକାୟୁକ୍ତଙ୍କ ଅତିରିକ୍ତ ନିର୍ଦ୍ଦେଶିକା

# ମୋ ଉପକାରୀ ବଗିଚାର ତଦନ୍ତ ଆରମ୍ଭ

ଭଦ୍ରକ, ୯ ।୪(ସମିସ)

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅଧୀନ ଗୋପିନାଥପୁର ପଞ୍ଚାୟତ ଅଧୀନସ୍ଥ ବାଲିପଦା ଗାଁରେ ହୋଇଥିବା ମୋ ଉପକାରୀ ବଗିଚାରେ ବହୁ ଆର୍ଥିକ ଅନିୟମିତତା ହୋଇଥିବା ନେଇ ଲୋକାୟୁକ୍ତଙ୍କ ପାଖରେ ସେହି ପଞ୍ଚାୟତର ସାମାଜିକ କର୍ମୀ ଶରତ ସେନାପତି ଲିଖିତ ଅଭିଯୋଗ କରିଥିଲେ । ସମସ୍ତ ତଥ୍ୟକୁ ଆଧାର କରି ଲୋକାୟୁକ୍ତଙ୍କ ଦ୍ୱାରା ଏହାର ତଦନ୍ତ ଆରମ୍ଭ ହୋଇଛି । ଆଜି ଅତିରିକ୍ତ ନିର୍ଦ୍ଦେଶିକା ସସ୍ମିତା ଲେଙ୍କା ଆସି ଗୋପିନାଥପୁର ପଞ୍ଚାୟତରେ ପହଞ୍ଚିବା ପରେ ଚାନ୍ଦବାଲି ବ୍ଲକ ପ୍ରଶାସନର କିଛି କର୍ମୀଙ୍କ ସହାୟତାରେ ତଦନ୍ତ ଆରମ୍ଭ ହୋଇଥିଲା । ଅତିରିକ୍ତ ନିର୍ଦ୍ଦେଶିକା ଏହି ପଞ୍ଚାୟତରେ ମୋ ଉପକାରୀ ବଗିଚାରେ ସାମିଲ ହୋଇଥିବା ସାଧାରଣ ଜନତାଙ୍କ ଘରେ ପହଞ୍ଚି ମୋ ଉପକାରୀ ବଗିଚାର ବିଭିନ୍ନ ଦିଗ ଏବଂ କେଉଁ ମସିହାରେ ଏଥିରେ ସମ୍ପୃକ୍ତ ଚାଷୀ ସାମିଲ ହୋଇଥିଲେ କେତେ ଟଙ୍କା ବିନିଯୋଗ କରିବା ସହ ସରକାରଙ୍କ ଠାରୁ କେତେଟଙ୍କା ଲାଭ ଉଠାଇଛନ୍ତି ଏଭଳି ବିଭିନ୍ନ ପ୍ରଶ୍ନ ସେମାନଙ୍କୁ ପଚାରି ବୁଝିଥିଲେ । ଅତିରିକ୍ତ ନିର୍ଦ୍ଦେଶିକାଙ୍କ ମୋ ବଗିଚାରେ ହୋଇଥିବା ଅନିୟମିତତା ଉପରେ ପଚାରିଥିବା ପ୍ରଶ୍ନ କିଛି ଜନତାଙ୍କ ପାଖରୁ ଠିକ୍ ଭାବେ ଉତ୍ତର ପାଇଥିବା ବେଳେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଧିରେନ୍ଦ୍ର ନାୟକ କିଛି ସାଧାରଣ ଜନତାଙ୍କୁ ବ୍ୟବହାର ଖରାପ କରିଥିବା ଅଭିଯୋଗ ହୋଇଛି । ସେହିପରି ସହକାରୀ ଯନ୍ତ୍ରୀ ସ୍ମୃତିରଞ୍ଜନ ତରାଇ ଉପସ୍ଥିତି ମଧ୍ୟ ସାଧାରଣ ଜନତାଙ୍କୁ ସୁହାଇ ନଥିବା ବେଳେ ଆଗାମୀ ତଦନ୍ତ ସମୟରେ ସମ୍ପୃକ୍ତ ବ୍ୟକ୍ତି ବିଶେଷ ମାନଙ୍କୁ ଏଭଳି ବ୍ୟବହାର ପାଇଁ ଏମାନଙ୍କୁ ଏହି ତଦନ୍ତ କରିବାକୁ ନ ଆଣି ସେମାନଙ୍କୁ ଅନ୍ୟ ସ୍ଥାନରେ ଜେରା କରିବାକୁ ଦାବିକରିଛନ୍ତି । ସମ୍ପୃକ୍ତ ବ୍ୟକ୍ତି ବିଶେଷ ତଦନ୍ତରେ ବ୍ୟାଘାତ ସୃଷ୍ଟି କରୁଥିବା ନେଇ ଅଭିଯୋଗ ହୋଇଛି । ଆଜି ସମ୍ପୃକ୍ତା ନିର୍ଦ୍ଦେଶିକା ସସ୍ମିତା ଲେଙ୍କା ପଞ୍ଚାୟତରେ ମାତ୍ର ୪୦ଘର ବୁଲି ତଥ୍ୟ ଆଣିଥିବା ବେଳେ ଆସନ୍ତାକାଲି ପୁନଶ୍ଚ ଏକ ଟିମ୍ ଆସି ଏହି ତଦନ୍ତ କରିବେ ବୋଲି ଜଣାଯାଇଛି । ଆଜିର ଏହି ତଦନ୍ତ ବେଳେ ଚାନ୍ଦବାଲି ବ୍ଲକର ପୂର୍ବତନ ବିଡିଓ ଜ୍ୟୋତି ବିକାଶ ଦାସ, କନିଷ୍ଠ ଯନ୍ତ୍ରୀ ପ୍ରଭାତ ବେହେରା, ଚାନ୍ଦବାଲି ବ୍ଲକ ମନରେଗା ସହକାରୀ ସନ୍ତୋଷ ନାୟକ, ସହକାରୀ ଯନ୍ତ୍ରୀ ସ୍ମୃତିରଞ୍ଜନ ତରାଇ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଧିରେନ୍ଦ୍ର ନାୟକ, ବିପିଏମ୍ ଷ୍ଟାଲିନ ନାୟକ, ଜିଆର୍ଏସ ରିତାରାଣୀ ମୁଦୁଲି, ପୂର୍ବତନ ଜିଆର୍ଏସ ପୁରୁଷୋତ୍ତମ ବାରିକ ଏବଂ ଗୋପିନାଥପୁର ପଞ୍ଚାୟତ ସରପଞ୍ଚ ବାପୁନ ବାରିକ ପ୍ରମୁଖ ସମ୍ପୃକ୍ତ ସ୍ଥାନରେ ଉପସ୍ଥିତ ରହିବାକୁ ଲୋକାୟୁକ୍ତ ନିଜର ଚିଠିରେ ଅବଗତ କରାଇଥିବା ବେଳେ ଆଜି ତଦନ୍ତ ସମୟରେ ସମସ୍ତ କର୍ମଚାରୀ ଉପସ୍ଥିତ ନଥିବା ଦେଖିବାକୁ ମିଳିଥିଲା । ଆଗାମୀ ଦିନରେ ସମସ୍ତ କର୍ମଚାରୀ ମାନଙ୍କୁ ତଦନ୍ତ ସମୟରେ ଜେରା କଲେ ପ୍ରକୃତ ତଥ୍ୟ ଲୋକ ଲୋଚନାକୁ ଆସିବା ସହ ମୋ ବଗିଚାରେ ହୋଇଥିବା ଦୁର୍ନୀତିର ପର୍ଦ୍ଦାଫାସ ହୋଇ ପାରିବ ବୋଲି ଅଞ୍ଚଳବାସୀ ଦାବୀ କରିଛନ୍ତି ।



## ଶ୍ରୀଲୋକନାଥ ମନ୍ଦିରରେ ଶ୍ରୀରାମ ଚରିତ ମାନସ

**ଭଦ୍ରକ, ୯ ।୪(ସମିସ):** ଚିନ୍ତା ଚେତନା ଆଧ୍ୟାତ୍ମିକ ପରିଷଦ ଦ୍ୱାରା ଆୟୋଜିତ ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନ ଯଜ୍ଞ ଗତକାଲି ସୋମବାରରୁ ଆରମ୍ଭ ହୋଇଛି । ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଶ୍ରୀରାମ ନବମୀ ପର୍ଯ୍ୟନ୍ତ ଜାରି ରହିବ । ଏହି କାର୍ଯ୍ୟକ୍ରମର ପ୍ରଥମ ପାଳିରେ ସନ୍ଥଶ୍ରୀ ଅଯୋଧ୍ୟାନାଥ ଦାସ ମହାରାଜ ପ୍ରବଚନ ପରିବେଷଣ କରୁଥିବା ବେଳେ ଦ୍ୱିତୀୟ ପାଳିରେ ପ୍ରାଧ୍ୟାପକ ଡ. ପ୍ରମୋଦ କୁମାର ଦାଶ ଓ ତୃତୀୟପାଳିରେ ଡ.ଗୁରୁପ୍ରସାଦ ମହାପାତ୍ର ପ୍ରବଚନ ପରିବେଷଣ କରିବା କାର୍ଯ୍ୟକ୍ରମ ରହିଛି । ଶେଷଦିନ ଶ୍ରୀରାମନବମୀ ଅବସରରେ ଯଜ୍ଞର ପୂର୍ଣ୍ଣାହୁତି ଓ ନାରାୟଣ ସେବାର ଆୟୋଜନ କରାଯାଇଛି । ପ୍ରତ୍ୟହ ସନ୍ଧ୍ୟାରେ ବହୁସଂଖ୍ୟାରେ ଶ୍ରଦ୍ଧାଳୁ ପ୍ରବଚନ ଶ୍ରବଣରେ ଭାଗ ନେଉଛନ୍ତି । ଏହି କାର୍ଯ୍ୟକ୍ରମକୁ ପରିଷଦର ସଭାପତି ହରମୋହନ କୁଅଁର, ଉପସଭାପତି ବ୍ରଜକିଶୋର ଦାସ ଓ ବୈଲୋଚନ ବେହୁରିଆ, ପ୍ରତିଷ୍ଠାତା ସମ୍ପାଦକ ରାମନାରାୟଣ ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ବିନୟ କୁମାର ପଣ୍ଡା ତଥା ବରିଷ୍ଠ ସଦସ୍ୟ ଶାନ୍ତନୁ କୁମାର ରାଉତ, ଅଜିତ କୁମାର ନାୟକ, ଘନଶ୍ୟାମ ଲେଙ୍କା, ଅଭିମନ୍ୟୁ ନାୟକ, ଆଦିତ୍ୟ କୁମାର ନାୟକ, କରୁଣାକର ଉପାଧ୍ୟାୟ, ମୁକ୍ତିକାନ୍ତ ମହାପାତ୍ର, ଉପେନ୍ଦ୍ର ରାଉତ, ପ୍ରଫୁଲ୍ଲ କୁମାର ମଲ୍ଲିକ, ରାମନାରାୟଣ ମହାନ୍ତି, ବିଜୟ ପାଣି, ମମତାମୟୀ ରାଉତ, ତରୁଲତା ସାହୁ, ସ୍ନେହଲତା ବେହେରା, ଶାନ୍ତିଲତା ବାରିକ, କନକ ସୁନ୍ଦରୀ କୁଅଁର ଓ ଆହୁରି ଅନେକ ସଭ୍ୟ ପରିଚାଳନା କରୁଛନ୍ତି । କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ସଂଖ୍ୟାରେ ଯୋଗ ଦେଇ ଶ୍ରୀରାମଙ୍କ କଥାମୃତ ଶ୍ରବଣ କରିବାକୁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି ।



### ଦଳିତମାନଙ୍କୁ ଜାତିଗତ ନିର୍ଯାତନା

# ପୁଲିସର ଅବହେଳା ବିରୁଦ୍ଧରେ ଥାନା ଘେରାଉ

**ବାରବାଟୀ/କୁଆଖିଆ, ୯।୪(ସମିସ)**



କୁଆଖିଆ ଥାନା ଅନ୍ତର୍ଗତ ପ୍ରଥମାଖଣ୍ଡ ପଞ୍ଚାୟତ ସଡମ୍ବା ଗ୍ରାମରେ ଗତ ହୋଲିରେ ରଙ୍ଗ ଖେଳକୁ ନେଇ କିଛି ସବର୍ଣ୍ଣ ଲୋକ ସେହି ଗ୍ରାମର ଦୁଇଟି ଦଳିତ ପରିବାର ଉପରେ ଆକ୍ରମଣ କରିବା ସହିତ ସେହି ପରିବାରର ମହିଳା ମାନଙ୍କ ଉପରେ ମଧ ଆକ୍ରମଣ କରିଥିବାର ଅଭିଯୋଗ ହୋଇଛି। ଏହି ଆଧାରରେ କୁଆଖିଆ ଥାନାରେ ଏକ ମାମଲା ରୁଜୁ ହୋଇଛି। କିନ୍ତୁ ପୁଲିସ କେବଳ କେସ୍ କରି ବସିଯାଇଛି। ଅଭିଯୁକ୍ତ ମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ସେମାନେ ପୁଣି ଏହି ଦଳିତ ଲୋକମାନଙ୍କୁ ଧମକ ଦେଉଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ପୋଲିସ ପାଖରୁ ନ୍ୟାୟ ପାଇବାରେ ବିଫଳ ହେବାରୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଓ ଯାଜପୁର ଜିଲ୍ଲାପାଳଙ୍କୁ ଅଭିଯୋଗ କରାଯାଇଛି। ତେବେ ପ୍ରଶାସନ କିମ୍ବା ପୋଲିସ କୌଣସି ପଦକ୍ଷେପ ନନେବାରୁ ଆଜି ମୁଳନିବାସୀ ୟୁନାଇଟେଡ୍ ଫୋରମ ପକ୍ଷରୁ ବହୁ ସଂଖ୍ୟାରେ ଦଳିତ ମହିଳା ଓ ପୁରୁଷ କୁଆଖିଆ ଥାନା ଘେରାଉ କରିଥିଲେ। ଆମ୍ବେଦକର ସେବକ ସଂଘ ରାଜ୍ୟ କାର୍ଯ୍ୟକାରୀ ସଭାପତି ଦୈତାରୀ ନାୟକ,ଭୀମ ଆର୍ମୀ ଖୋର୍ଦ୍ଧା ଜିଲା ସଭାପତି ସର୍ବେଶ୍ୱର ନାୟକ, ସାବିତ୍ରୀବାଇ ଫୁଲେ ସେବା ସଂଘ କେନ୍ଦ୍ରାପଡାର ସୁପ୍ରଭା ମଲ୍ଲିକ, ବହୁଜନ ମିଡିଆର ବରିଷ୍ଠ ସାମ୍ବାଦିକ ଚଗଲା ବାଘ, ମୁଳନିବାସୀ ୟୁନାଇଟେଡ୍ ଫୋରମ୍‌ର ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରତାପ ଦାସ, ଜିଲା ସଂଯୋଜକ ସହଦେବ ଜେନା, ଆମ୍ବେଦକର ଲୋହିଆ ବିଚାର ମଞ୍ଚ ଯାଜପୁର ସଂପାଦକ କିଶୋର ଜେନା,ରାଷ୍ଟ୍ରୀୟ ଦଳିତ ମହାସଭା ରାଜ୍ୟ ଉପସଭାପତି ବିଦ୍ୟାଧର ଦଳେଇ, ମୁଳନିବାସୀ ୟୁନାଇଟେଡ୍ ଫୋରମ ରସୁଲପୁର ବ୍ଲକ୍ ସଂଯୋଜକ ମାୟାଧର ମଲିକ, ଜିଲ୍ଲା ଯୁବ ସଂଯୋଜକ ପଙ୍କଜ ମଲିକ ପ୍ରଭୃତିଙ୍କ ନେତୃତ୍ୱରେ ଥାନା ଘେରାଉ କରାଯାଇଥିଲା। କୁଆଖିଆ ଥାନାରେ ଲଗାତାର ଭାବରେ ଦଳିତ ମାନଙ୍କୁ ନ୍ୟାୟ ପ୍ରଦାନରେ ଅବହେଳା କାରଣରୁ ଥାନା ଅଧିକାରୀଙ୍କ ବଦଳି, ଏହି ଥାନାର ସବୁ ଜାତିଗତ ମାମଲାରେ ଆସାମୀମାନଙ୍କୁ ତୁରନ୍ତ ଗିରଫ, ଅଭିଯୋଗ କରିବାକୁ ଆସିଥିବା ଦଳିତ ମହିଳାଙ୍କୁ ଦୁର୍ବ୍ୟବହାର କରିଥିବା ଓ ଅପଶବ୍ଦ କହିଥିବା ପୁଲିସ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା। ପ୍ରବଳ ଖରାରେ ମହିଳା ମାନେ ଥାନା ସମ୍ମୁଖରେ ବସିହିଥିଲେ। ବଡଚଣା ଥାନା ଅଧିକାରୀ ଶରତ ପାତ୍ର, କୋରେଇ ଥାନା ଅଧିକାରୀ ସୁମତୀ କୁମାରୀ ମହାନ୍ତି, ପାଣିକୋଇଲି ଥାନା ଅଧିକାରୀ ଲିଜାରାଣି ସାହୁ, କୁଆଖିଆ ଥାନା ଏସଆଇ ଦୁଷ୍ମନ୍ତ ଦାସ, ଭାଗବତ ମାହାଲି, ହେମଲତା ଦାସ ପ୍ରଭୃତିଙ୍କ ସମେତ ଥାନାର ସମସ୍ତ ପୋଲିସ କର୍ମଚାରୀ ଓ ଦୁଇ ସେକ୍ସନ ଫୋର୍ସ ମୁତୟନ ଥିଲେ। ପରେ ଏସଡିପିଓ ସଞ୍ଜୟ ପଟ୍ଟନାୟକ ଘଟଣା ସ୍ଥଳରେ ପହଁଚି ଆନ୍ଦୋଳନକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଏସଡିପିଓ କହିବା ପରେ ଆନ୍ଦୋଳନକାରୀ ମାନେ ଥାନା ସମ୍ମୁଖରୁ ଉଠିଥିଲେ।

# ଠିକାଦାର କଥା ନ ମାନିବାରୁ ରାଜମିସ୍ତ୍ରିଙ୍କୁ ହତ୍ୟା

**କାଳିଆପାଣି, ୯।୪(ସମିସ)**

ରଗଡା ଡ୍ୟାମର ଦକ୍ଷିଣପାର୍ଶ୍ୱ କେନାଲର ଉନ୍ନତିକରଣ କାର୍ଯ୍ୟ ଗତ କିଛିମାସ ଧରି ଚାଲୁରହିଛି। ପ୍ରାୟ ୨ କିଲୋମିଟର ଲମ୍ବ ବିଶିଷ୍ଟ କେନାଲ ମରାମତି କାର୍ଯ୍ୟ କରାଯାଉଛି। ତେବେ ଏଥିରେ ନିୟୋଜିତ ରାଜ ମିସ୍ତ୍ରୀ ଏବଂ ଶ୍ରମିକମାନେ ସବୁ ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ଅନ୍ତର୍ଗତ କରଡ଼ାପାଳ ଗ୍ରାମର ବୋଲି ଜଣାପଡିଛି। ଗତ ଗୁରୁବାର କେନାଲ କାର୍ଯ୍ୟରୁ ରହିବା ସ୍ଥାନକୁ ଫେରିବାପରେ କେନାଲ କାର୍ଯ୍ୟ ତଦାରଖ କରୁଥିବା ସୁପର ଭାଇଜର ଏବଂ ରାଜମିସ୍ତ୍ରୀ ଶ୍ରୀକୁଞ୍ଜ ମହାନ୍ତଙ୍କ ସହିତ ଝଗଡା ହୋଇଥିଲା। ଏହାପରେ ଉକ୍ତ କେନାଲ କାର୍ଯ୍ୟରେ ନିୟୋଜିତ ୯ ଜଣ ଶ୍ରମିକ ସେଠାରେ ଆଉ କାମ କରିବେନାହିଁ ବୋଲି କହି ନିଜ ଗାଁ କୁ ଚାଲିଯାଇଥିଲେ। ତେବେ ତା' ପରଦିନ ଠିକାଦାର ଢେଙ୍କାନାଳ ଜିଲ୍ଲା ମାର୍ଥାପୁର ଅଞ୍ଚଳର ରାକେଶ ବିଶ୍ୱାଳ ଏବଂ ରଶ୍ମି ବିଶ୍ୱାଳ ଶ୍ରମିକମାନଙ୍କୁ ବୁଝାସୁଝା କରି କାର୍ଯ୍ୟସ୍ଥଳକୁ ଡକାଇ ଆଣିଥିଲେ। କିନ୍ତୁ ତା'ପରଦିନ ଅର୍ଥାତ ଗତ ୬ ତାରିଖ ଶନିବାର ସନ୍ଧ୍ୟାରେ ପୁଣିଥରେ ସୁପର ଭାଇଜର (ସୀତୁନ )ଏବଂ ଶ୍ରମିକଙ୍କ ମଧ୍ୟରେ ଝଗଡା ହୋଇଥିଲା। ଯାହାର ପରିଣାମ ସ୍ୱରୂପ କାର୍ଯ୍ୟରେ ନିୟୋଜିତ ରାଜମିସ୍ତ୍ରୀ କୁଞ୍ଜ ମହାନ୍ତଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଘଟଣା ସ୍ଥଳରେ ଥିବା ସାଥୀ ଶ୍ରମିକ ପୀତବାସ ଟୁଡୁ, ରୋଷେୟା ଦୁର୍ଗା ବାସ୍କେ, ରଘୁ, ପୀତବାସ ଏବଂ ନିରଞ୍ଜନ ତା ପରଦିନଠାରୁ ସେଠାରୁ ଚାଲିଯାଇଥିଲେ। କିନ୍ତୁ ଏହାପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର କୁଞ୍ଜଙ୍କୁ ନିକଟସ୍ଥ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି ବୋଲି କୁଞ୍ଜ ମହାନ୍ତଙ୍କ ବାପା ବୁଦ୍ଧିଆ ମହାନ୍ତ ପ୍ରକାଶ କରିଛନ୍ତି। ଚିଙ୍ଗୁଡ଼ିପାଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ରଗଦା ଗ୍ରାମରେ ଏହି ବୀଭତ୍ସ ହତ୍ୟାକାଣ୍ଡ ଘଟି ଆଜି ଦୁଇ ଦିନ ଅତିବାହିତ ହୋଇଯାଇଥିଲେ ସୁଦ୍ଧା ମୃତକଙ୍କ ବସ୍ତ୍ର ଏବଂ ମୁଣ୍ଡରୁ ନିର୍ଗତ ରକ୍ତଛିଟା ରଗଦା ଗ୍ରାମର ମିଶନ ଶକ୍ତି ଘର ବରଣ୍ଡାରେ ଏବେବି ପଡିଥିବାର ଦେଖିବାକୁ ମିଳିଛି। ତେବେ କାଳିଆପାଣି ପୁଲିସ ଘଟଣାସ୍ଥଳକୁ ଯାଇ ସ୍ଥିତି ପରଖି ଫେରିଥିବା ଖବର ମିଳିଛି। ଆଜି ଶବ ବ୍ୟବଚ୍ଛେଦ କରାଯାଇ ଗାଁ କରଡ଼ାପାଳକୁ ପଠାଇ ଦିଆଯାଇଥିବାର ଖବର ମିଳିଛି।

## ନାଳିଆଝରରେ ଅଜଣା ରୋଗ ; ପୁଣି ନେଲା ଜଣଙ୍କ ଜୀବନ

**ହାତୀବାରି, ୯।୪(ସମିସ):** ହାତୀବାରି ଗ୍ରାମ ପଞ୍ଚାୟତ ଅଧିନରେ ଥିବା ନାଳିଆଝର ଗ୍ରାମରେ ଅଜଣା ରୋଗ ନେଉଛି ଏକ ଜୀବନ। ଏହି ଗ୍ରାମ ଏକ ଆଦିବାସୀ ବହୁଳ ଗ୍ରାମ ଅଟେ। ଏଠାରେ ଆଗେ ଲୋକଙ୍କୁ ଜ୍ୱର ହେବାପରେ ଜଣ୍ଡିସ୍ ହେଉଛି। କିଛି ଦିନ ପରେ ମୃତ୍ୟୁ ମୁଖକୁ ଟାଣି ନେଉଛି ରୋଗୀଙ୍କୁ। ଆଜି ସ୍ୱର୍ଗତ ମୁରା ମୁଣ୍ଡାଙ୍କ ୧୨ ବର୍ଷର ପୁଅ ଶିବେଲ ମୁଣ୍ଡା ଏହି ରୋଗରେ ଆକ୍ରାନ୍ତ ହୋଇ ଅନେକ ଦିନର ସଂଘର୍ଷ ପରେ ଆଜି ପ୍ରାଣ ହରାଇଛନ୍ତି। ଏକ ଗ୍ରାମ୍ୟ ଭ୍ରାମ୍ୟମାଣ ଚିକିତ୍ସା କେନ୍ଦ୍ର ଏହାର ପାଖ ଗ୍ରାମ ବୈରିମାଳ ଆସୁଥିଲେ ମଧ ଏଥିରୁ ନାଳିଆଝର ଅଞ୍ଚଳକୁ ବଞ୍ଚିତ କରାଯାଉଛି। ଏହି ଚିକିତ୍ସା ସେବା ଅନେକ ଥର ଅଭିଯୋଗ କଲେବି ଜମା ଆସୁନାହିଁ ଏହି ଗ୍ରାମକୁ। ଯାହା ଫଳରେ ଲୋକେ ନାହିଁ ନଥିବା ସ୍ୱାସ୍ଥ୍ୟ ସମସ୍ୟା ଭୋଗ କରୁଛନ୍ତି। ଏ ଦିଗରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## କମ୍ପ୍ୟୁଟର କେନ୍ଦ୍ରରେ ରାଷ୍ଟ୍ରୀୟ ନବବର୍ଷ

**ପାଣିକୋଇଲି, ୯।୪(ସମିସ):** ଆଜି ରାଷ୍ଟ୍ରୀୟ ନବ ବର୍ଷ ଉପଲକ୍ଷେ ଚୈତ୍ର ଶୁକ୍ଳ ପ୍ରତିପଦା ଉପଲକ୍ଷେ ପାଣିକୋଇଲିସ୍ଥିତ ଏସ୍ଆଇଆଇଟି (ସିଟ) କମ୍ପ୍ୟୁଟର କେନ୍ଦ୍ର ପକ୍ଷରୁ ନବବର୍ଷ ପାଳିତ ହୋଇଯାଇଛି। ସଂସ୍ଥାର ନିର୍ଦ୍ଦେଶକ ସନ୍ଦୀପ କୁମାର ନାୟକ ପ୍ରଥମେ ଭାରତମାତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଏହି ଦିବସ ପାଳନର ଆବଶ୍ୟକତା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରିଥିଲେ। ଭାରତ ବର୍ଷର ଐତିହ୍ୟ, ବିଭିନ୍ନତା ମଧ୍ୟରେ ଏକତା ଓ ଆମ ସଂସ୍କୃତିକୁ ଲୋପ କରିବା ଆମ ରାଷ୍ଟ୍ରୀୟ ଭାଷାକୁ ବଦଳାଇବା ପାଇଁ ଇଂରେଜ ଶାସନ ଅମଳରେ ବହୁ ଚେଷ୍ଟା କରାଯାଇଥିଲା। ହେଲେ ଆମେ ଏହି ରାଷ୍ଟ୍ରୀୟ ଦିବସ ପାଳନ କରି ତାହାକୁ ଭଣ୍ଡୁର କରି ଆମ ଐତିହକୁ ବଜାୟ ରଖିବା। ତେଣୁ ସମସ୍ତ ଛାତ୍ରଛାତ୍ରୀ ରାଷ୍ଟ୍ରୀୟ ନବ ବର୍ଷ ପାଳନ କରିବା ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ନବବର୍ଷ ପାଳନ ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା।

## ଆଜିଠାରୁ କମାଗଡ଼ ହିଙ୍ଗୁଳାଦେବୀଙ୍କ ଯଜ୍ଞ

**କବାଟବନ୍ଧ/ଧର୍ମଶାଳା, ୯।୪(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ କମାଗଡ଼ସ୍ଥିତ ହିଙ୍ଗୁଳା ପୀଠରେ ଶ୍ରୀ ଶ୍ରୀ ମହାମାୟୀ ହିଙ୍ଗୁଳା ଦେବୀଙ୍କ ୪୮ତମ ବାର୍ଷିକ ଯଜ୍ଞ ଉତ୍ସବ ଯଥା ବିଧି ଓ ରୀତିନୀତି ଅନୁଯାୟୀ ମହାସମାରୋହରେ ଆରମ୍ଭ ହୋଇଛି। ପାଞ୍ଚ ଦିନ ବ୍ୟାପୀ ଏହି ଯଜ୍ଞ ଉତ୍ସବ ଅପ୍ରେଲ ୧୦ ତାରିଖ ଠାରୁ ଆରମ୍ଭ ହୋଇ ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଅବସରରେ ମଙ୍ଗଳବାର ଅଙ୍କୁରାରୋପଣ ବୁଧବାର ଶୁଭାଧିବାସ,ଗୁରୁବାର, ଶୁକ୍ରବାର, ଶନିବାର,ମହାଯଜ୍ଞ ରବିବାର ପୂର୍ଣ୍ଣାହୁତି , ନଗର ସଂକୀର୍ତ୍ତନ ଓ ଯଜ୍ଞର ପୂର୍ଣ୍ଣାହୁତି ହେବାର କାର୍ଯ୍ୟକ୍ରମ ରହିଛି। ଯଜ୍ଞ ଉତ୍ସବ ସହିତ ମୀନାବଜାର,ଦୋଳି,ବାଡ଼ିଖେଳ,ବିଭିନ୍ନ ଦୋକାନ, ଷ୍ଟଲ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଯଜ୍ଞ ଉତ୍ସବ ପରିଚାଳନାରେ ସ୍ଥାନୀୟ କମାଗଡ଼ ଏବଂ ଅଣ୍ଟିଆ ପଞ୍ଚାୟତର ସମସ୍ତ ଗ୍ରାମବାସୀ ସହଯୋଗ କରୁଛନ୍ତି। ଏହି ଉପଲକ୍ଷେ ୪ଦିନ ଧରି ଅପେରା ପରିବେଷଣ କରାଯିବ। ଜେନାପୁର ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି।

## ଇଦ୍ ପାଇଁ ଶାନ୍ତି କମିଟି ବୈଠକ

**ପ୍ରୀତିପୁର, ୯।୪(ସମିସ):** ସଂଖ୍ୟାଲଘୁ ସମ୍ପ୍ରଦାୟର ଗଣପର୍ବ ପବିତ୍ର ଇଦ୍ ଆସନ୍ତା ଗୁରୁବାର ୧୧ ତାରିଖରେ ପାଳନ କରାଯିବ। ଏଥିନେଇ ଆଜି ବିଞ୍ଝାରପୁର ଥାନା ଅଧିକାରିଣୀ ଅଶୁମାଳା ଦାସଙ୍କ ନେତୃତ୍ୱରେ ଥାନା ପରିସରରେ ବିଞ୍ଝାରପୁର,ସୟଦପୁର ପଞ୍ଚାୟତର ସଂଖ୍ୟଲଘୁ ଗୁରୁଜନ ଓ ଲୋକପ୍ରତିନିଧି ମାନଙ୍କୁ ନେଇ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଞ୍ଝାରପୁର ସରପଞ୍ଚ ଆଶାଲତା ସାହୁ, ସୟଦପୁର ସରପଞ୍ଚ ଏମଡି ସବିର , ବିଞ୍ଝାରପୁର ବ୍ଲକ ଉପାଧକ୍ଷ ସେକ ଏରସାଦ, ଯୁବ ସମାଜସେବୀ ସୁଖ ରଞ୍ଜନ ପରିଡା ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାଲଘୁ ଯୁବକ ଓ୍ ଗୁରୁଜନ ମାନେ ଯୋଗଦେଇଥିଲେ। ପବିତ୍ର ଇଦ୍ ପର୍ବ କିଭଳି ଶାନ୍ତି ଶୃଙ୍ଖଳାର ସହିତ ସମାପନ ହୋଇପାରିବ ସେଥିନେଇ ଥାନାଅଧିକାରିଣୀ ଶ୍ରୀମତୀ ଦାସ ସମସ୍ତଙ୍କ ସହଯୋଗ କାମନା କରିବା ସହିତ ବିଞ୍ଝାରପୁର ଅଞ୍ଚଳ ଏକ ଭାଇଚାରାର ଅଞ୍ଚଳ ବୋଲି ମତବ୍ୟକ୍ତ କରିଥିଲେ। ଇଦ୍ ସମୟରେ କାଫଲାର ଏକ ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରାଯାଇଛି। ଅଧିକ ଶବ୍ଦ ପ୍ରଦ୍ୟୁଷଣ ନକରି ଶୋଭାଯାତ୍ରା ସମାପନ କରିବାକୁ ଏହି ଶାନ୍ତି କମିଟି ବୈଠକରେ ଆଲୋଚନା କରାଯାଇଥିଲା। ଅନ୍ୟ ମାନଙ୍କ ଥାନାର ସମସ୍ତ ପୁଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ନିର୍ବାଚନ ପାଇଁ ସ୍ୱତନ୍ତ୍ର ଟିମ୍‌ର ଯାନବାହନ ଯାଞ୍ଚ



**ପାଣିକୋଇଲି, ୯।୪(ସମିସ):** ସାଧାରଣ ନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ କରିବାରୁ ପ୍ରଶାସନ ପକ୍ଷରୁ ସମସ୍ତ କାର୍ଯ୍ୟକ୍ରମ ଜାରି ରହିଛି। ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ ପରେ ଏବେ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଗାଡି ମଟର ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି କ୍ରମରେ କୋରେଇ ବ୍ଲକ ଏମ୍ଆଇ ପ୍ରଶାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ଏକ ଟିମ ପାଣିକୋଇଲି ରଗଡି ପୂର୍ତ୍ତ ବିଭାଗ ରାସ୍ତାରେ ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଛି। ସ୍ୱତନ୍ତ୍ର ଟିମ ପାଣିକୋଇଲି ରଗଡି ରାସ୍ତାରେ ପାଣିକୋଇଲିର ଅନତୀ ଦୂରରେ ଏହି ଯାଞ୍ଚ ପ୍ରକ୍ରିୟା ଜାରି ରଖିଥିବା ଦେଖିବାକୁ ମିଳିଛି। ପାଣିକୋଇଲି ପୁଲିସ ଓ ସ୍ୱତନ୍ତ୍ର ଟିମର ଏଭଳି ଯାଞ୍ଚ ପ୍ରକ୍ରିୟାକୁ ସାଧାରଣରେ ସ୍ୱାଗତ କରାଯାଇଛି।

## ଦୁଦୁରାଅନ୍ତାରେ ବିଜେଡିର କର୍ମୀ ସମ୍ମିଳନୀ

**ମଙ୍ଗଳପୁର, ୯।୪(ସମିସ)**




ଆଜି ଦଶରଥପୁର ବ୍ଲକ ଦୁଦୁରାଅନ୍ତା ପଞ୍ଚାୟତସ୍ଥ ଆଖୁଆସାହି ମା' ଈଶାଣେଶ୍ୱରୀ ପଡିଆଠାରେ ବିଜୁ ଜନତା ଦଳ ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁରର ବରିଷ୍ଠ ବିଜେଡି ନେତା କର୍ଣ୍ଣାଟ କେଶରୀ ଦାସ ଯୋଗଦେଇ ରାଜ୍ୟର ବିଜୁ ଜନତା ଦଳ ସରକାରଙ୍କ ଲୋକାଭିମୁଖୀ ଯୋଜନା, ନାରୀ ସଶକ୍ତିକରଣ ବିଷୟରେ ଲୋକମାନଙ୍କୁ ଅବଗତ କରାଇବା ସହ ଆଗାମୀ ସାଧାରଣ ନିର୍ବାଚନରେ ଯାଜପୁରର ବିଜୁ ଜନତା ଦଳ ପାର୍ଥନୀ ସୁଜାତା ସାହୁଙ୍କୁ ଭୋଟ ଦେଇ ଯାଜପୁରର ବିକାଶ ରଥକୁ ଆଗକୁ ନେବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବାକୁ ଆହ୍ୱାନ ଦେଇଥିଲେ। ଆଜିର ଏହି କର୍ମୀ ସମ୍ମିଳନୀରେ ଦୁଦୁରାଅନ୍ତା ପଞ୍ଚାୟତର ନନ୍ଦ କିଶୋର ରାଉତ, ସ୍ୱରୂପ ବିକାଶ ରାଉତରାୟ ବିଜେଡିରେ ଯୋଗ ଦେଇଥିବା ବେଳେ କର୍ଣ୍ଣାଟ କେଶରୀ ଦାସ ତାଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ସମ୍ମିଳନୀରେ ଯାଜପୁର ନିର୍ବାଚନ ମଣ୍ଡଳୀ ବିଜେଡି ପାର୍ଥୀନୀ ସୁଜାତା ସାହୁ, ସରପଞ୍ଚ ଅପର୍ଣ୍ଣା ସେଠୀ, ସମିତି ସଭ୍ୟା ଦୀପ୍ତିମୟୀ ରାଉତ, ଦୁଦୁରାଅନ୍ତା ବିଜେଡି ସଭାପତି ପୀତାମ୍ବର ମାଝୀ, ଶରତ ଚନ୍ଦ୍ର ତ୍ରିପାଠୀ, ଶିଶିର କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ବରୀରେ ହିନ୍ଦୁ ନବବର୍ଷ ପାଳିତ

**ବରୀ, ୯।୪(ସମିସ):** ବରୀ ବ୍ଲକ ଅନ୍ତର୍ଗତ ରତ୍ନଗିରି ପଞ୍ଚାୟତର ଅଲିଆବାଦ ପଡିଆଠାରେ ରାଷ୍ଟ୍ରୀୟ ନବବର୍ଷ ସମାରୋହରେ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ନୌସେନା ଅଧିକାରୀ ତଥା ୱାରିଅର୍ସ ଟ୍ରେନିଂ ପ୍ରତିଷ୍ଠାନର ନିର୍ଦ୍ଦେଶକ କବୀର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ବିଶ୍ୱହିନ୍ଦୁ ପରିଷଦର ପୂର୍ବତନ ସଭାପତି ଅକ୍ଷୟ ବଳ, ମୁଖ୍ୟବକ୍ତା ଭାବେ ଭାରତ ମଜଦୁର ସଂଘ ଜିଲ୍ଲା ସଭାପତି ତଥା ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଶ୍ରୀଯୁକ୍ତ ବଟକୃଷ୍ଣ ସାହୁ, ସମ୍ମାନୀୟ ଅତିଥି ବରୀ ପ୍ରଖଣ୍ଡ ବିଶ୍ୱହିନ୍ଦୁ ପରିଷଦ ସଭାପତି ଚିତ୍ତରଞ୍ଜନ ପରିଡା ଯୋଗଦେଇ ଥିଲେ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବରିଷ୍ଠ ସଦସ୍ୟ ବିଶ୍ୱନାଥ ତ୍ରିପାଠୀ ସଭା ଆରମ୍ଭରେ ଗୀତାଜ୍ଞାନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ବହୁ ସଂଖ୍ୟାରେ ବଶିଷ୍ଟ ନାଗରିକ, ଯୁବକ ଓ ମହିଳା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ୱାରିୟର୍ସ ଟ୍ରେନିଂ ପ୍ରତିଷ୍ଠାନରୁ ବିନା ମୂଲ୍ୟରେ ଶିକ୍ଷା ଗ୍ରହଣ କରି ସେନା ବାହିନୀରେ ନିଯୁକ୍ତି ପାଇଥିବା ଯୁବକଯୁବତୀମାନଙ୍କ ଅଂଶଗ୍ରହଣ ସମସ୍ତଙ୍କ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଥିଲା।

## ଦାନଗଦୀରେ ରାଷ୍ଟ୍ରୀୟ ନବବର୍ଷ ପାଳିତ



**ଦାନଗଦୀ, ୯।୪(ସମିସ):** ପ୍ରତିବର୍ଷ ପରି ଚଳିତ ବର୍ଷ ହିନ୍ଦୁ ନବ ବର୍ଷ କଳିଙ୍ଗନଗର ଶୋଲେଇ ଶିଶୁ ମନ୍ଦିର ପରିସରରେ ପାଳନ କରାଯାଇଛି। ଗୋପବନ୍ଧୁ ସ୍ୱୟଂ ସେବକ ସଙ୍ଘର ବଡ଼ ଭାଇ ଗୋପୀନାଥ ରାଉତଙ୍କର ସଂଯୋଜନାରେ ଆଜି ପ୍ରତ୍ୟୁଷରୁ ଶିଶୁ ମନ୍ଦିର ପରିସରରେ ପୂର୍ଣ୍ଣ କଳସ ବସାଇ, ଗୈରିକ ଧ୍ୱଜା ଲଗାଇ ପ୍ରଭାତ ଶାଖା ଲାଗିଥିଲା। ସଙ୍ଘ ଶାଖା ରେ ଡ଼କ୍ଟର ହେଡ଼ଗୋୟର ପ୍ରଥମ ସଂଘସର ଚାଳକ ଓ ଶ୍ରୀ ଗୁରୁଜୀଙ୍କର ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସ୍ୱୟଂସେବକ ଭାଇମାନେ କରିଥିଲେ। ଧ୍ୱଜା ପ୍ରଣାମ ପରେ ଧ୍ୱଜା ପ୍ରାର୍ଥନା ହୋଇଥିଲା, ଆଜିଠାରୁ ହିନ୍ଦୁ ନବ ବର୍ଷ ଆରମ୍ଭ ହେଲା ବୋଲି ସମସ୍ତେ ମିଷ୍ଟାନ ଖାଇ ପରସ୍ପରକୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇ ଥିଲେ। ବିଦ୍ୟାଳୟ ର ପ୍ରଧାନ ଗୁରୁଜୀ ସୁବାସ ଚନ୍ଦ୍ର ଦେଓ ଶିଶୁ ମନ୍ଦିର ଶିଶୁମାନଙ୍କ ସହ ହିନ୍ଦୁ ନବବର୍ଷ ପାଳନ କରିବା ସହ ସମସ୍ତଙ୍କୁ ଭାଇ ଭାଇ ହୋଇ ରହିବା ସହ ମଙ୍ଗଳ କାମନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମିଳନ କୁମାର ବେହେରା, ଅରୁଣ ମହାରଣା, ଅଭିମନ୍ୟୁ ପାତ୍ର, ଚିତ୍ତରଞ୍ଜନ ସାହୁ, ଜ୍ୟୋତି ରଞ୍ଜନ ସାହୁ, ଜ୍ଞାନ ରଞ୍ଜନ ବେହେରା, କ୍ରିଷ୍ଣା ଚନ୍ଦ୍ର ସାମଲ, ଶିଶୁ ମନ୍ଦିରର ସମସ୍ତ ଗୁରୁଜୀ ଓ ଭାଇମାନେ ଉପସ୍ଥିତ ଥିଲେ।

# ଜଳ ବିଶୋଧନ ଓ ଶୀତଳୀକରଣ ଯନ୍ତ୍ର ୩ବର୍ଷ ହେଲା ଅଚଳ

**ବାଲିଚନ୍ଦ୍ରପୁର, ୯।୪(ସମିସ)**




ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବାରେ ଲାଗିଛି। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ସୂଚନାନୁଯାୟୀ ଆଗକୁ ଆହୁରି ତାପମାତ୍ରା ବଢିବାର ସମ୍ଭାବନା ରହିଛି। ତାପମାତ୍ରା ବୃଦ୍ଧି ପାଇବା ସାଙ୍ଗକୁ ପାନୀୟ ଜଳ ମଧ ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। ଏହି ସମୟରେ ବଡଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ବଜାରରେ ଥିବା ଶୀତଳୀକରଣ ଯନ୍ତ୍ର ଅଚଳ ହେବା ଘଟଣା ଲୋକଙ୍କ ଅଧିକ ହନ୍ତସନ୍ତ କରିଛି। କଟକ-ଯାଜପୁର-କେନ୍ଦ୍ରାପଡ଼ା ଜିଲ୍ଲାର ସୀମାନ୍ତବର୍ତ୍ତୀ ତଥା ଯାଜପୁର ଜିଲ୍ଲା ଅନ୍ତର୍ଗତ ବାଲିଚନ୍ଦ୍ରପୁର ବଜାରଟି ଏକ ପ୍ରମୁଖ ଏବଂ ପୁରାତନ ବାଣିଜ୍ୟିକ ପେଣ୍ଠସ୍ଥଳୀ ହୋଇଥିଲେ ମଧ ଏହା ବର୍ଷ ବର୍ଷ ଧରି ଅବହେଳାର ଶିକାର ହୋଇଛି। ପ୍ରାୟ ୬୦/୭୦ ବର୍ଷର ପୁରୁଣା ଏହା ଏକ ଗ୍ରାମୀଣ ବଜାର ହୋଇଥିଲାବେଳେ ପ୍ରାୟ ହଜାରରୁ ଅଧିକ ଛୋଟ ବଡ଼ ବ୍ୟବସାୟୀଙ୍କର ବ୍ୟବସାୟ ପ୍ରତିଷ୍ଠାନ ଏଠାରେ ରହିଛି। ୧୦ ରୁ ଅଧିକ ଶିକ୍ଷାନୁଷ୍ଠାନ, ୫ରୁ ଅଧିକ ବ୍ୟାଙ୍କ, ଥାନା, ତେଲଟାଙ୍କି ରହିଥିଲାବେଳେ ଚଳଚଞ୍ଚଳ ଏବଂ ଗୁରୁତ୍ୱପୂର୍ଣ୍ଣ ଚଣ୍ଡିଖୋଲ-ପାରାଦୀପ ୫୩ ନମ୍ବର ଜାତୀୟ ରାଜପଥ ଏହାକୁ ସଂଯୋଗ କରୁଛି। ମଙ୍ଗଳବାର ଓ ଶନିବାର ଦୁଇଦିନ ସାପ୍ତାହିକ ହାଟପାଳି ଏଠାରେ ବସିଥାଏ। ପ୍ରତ୍ୟହ ଶତାଧିକ ଚାଷୀ, ବ୍ୟବସାୟୀ, ସାଧାରଣଲୋକ, ଛାତ୍ରଛାତ୍ରୀ ଏହି ବଜାର ଉପରେ ନିର୍ଭର କରିଥାନ୍ତି। ଏପରିକି କଟକ ଜିଲ୍ଲାର ମାହାଙ୍ଗା-କୁଆଁପାଳ, ବରି-ଡେରାବିଶ ଅଞ୍ଚଳ, କେନ୍ଦ୍ରାପଡ଼ା-ପଞ୍ଚୁପାଣ୍ଡବ ଏବଂ ଯାଜପୁର-ବରୁଆଁ-ବ୍ରହ୍ମବରଦା ଓ ଚଣ୍ଡୀଖୋଲ ଅଞ୍ଚଳରୁ ବିଭିନ୍ନ କାମରେ ଲୋକମାନେ ବାଲିଚନ୍ଦ୍ରପୁର ବଜାର ଉପରେ ନିର୍ଭର କରିଥାନ୍ତି। ବାଲିଚନ୍ଦ୍ରପୁର ଥାନାଠାରୁ କଲେଜ ରୋଡ୍ ପର୍ଯ୍ୟନ୍ତ ହଜାରେରୁ ଅଧିକ ବ୍ୟବସାୟିକ ପ୍ରତିଷ୍ଠାନ, ଖୁଚୁରା ଉଠାଦୋକାନ ରହିଥିଲାବେଳେ ଓ ପ୍ରତ୍ୟହ ଶହ ଶହ ଲୋକ ବାଲିଚନ୍ଦ୍ରପୁର ବଜାର ଉପରେ ନିର୍ଭର କରୁଥିଲେ ମଧ ବ୍ଲକ ପ୍ରଶାସନ ପକ୍ଷରୁ ନିର୍ମାଣ କରାଯାଇଥିବା ଶୀତଳ ପାନୀୟ ଜଳ ପ୍ରକଳ୍ପ ବନ୍ଦ ହୋଇ ପଡିରହିଛି। ବଡଚଣାର ବିଧାୟକ ଅମର ପ୍ରସାଦ ଶତପଥୀ ୨୩.୧୦.୨୦୧୯ ରିଖରେ ଏହି ପ୍ରକଳ୍ପଟିକୁ ଲୋକାର୍ପିତ କରିଥିଲେ। ବଜାରକୁ ଆସୁଥିବା ଯାତ୍ରୀମାନେ ସୁବିଧାରେ ଶୀତଳ ପାନୀୟ ଜଳ ପାଇବା ଉଦ୍ଦେଶ୍ୟରେ ଉକ୍ତ ପାନୀୟ ଜଳ ପ୍ରକଳ୍ପ

### ପାଣି ପାଇଁ ଲୋକେ ହନ୍ତସନ୍ତ

ବସାଯାଇଥିଲା। କିନ୍ତୁ ରକ୍ଷଣା ବେକ୍ଷଣ ଅଭାବରୁ ଉକ୍ତ ପାନୀୟ ଜଳ ପ୍ରକଳ୍ପଟି ଅଚଳ ହୋଇପଡିଛି। ପ୍ରକଳ୍ପଟି ଅଚଳ ହୋଇପଡିଥିବାରୁ ଚର୍ତୁଃପାଶ୍ୱର୍ରେ ଆବଦ୍ଧ କରାଯାଇଥିବା ଲୁହା ଗ୍ରୀଲ ଗୁଡିକ କଳଙ୍କି ଲାଗିଗଲାଣି। ବାଲିଚନ୍ଦ୍ରପୁର ବଜାରକୁ ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀମାନେ ପାନୀୟ ଜଳ ପାଇଁ ନାହିଁ ନଥିବା ଅସୁବିଧାରେ ସମ୍ମୁଖିନ ହେଉଛନ୍ତି। ଏପରିକି ଅଧିକାଂଶ ଯାତ୍ରୀମାନେ ଦୋକାନରୁ ପାଣି ବୋତଲ କ୍ରୟ କରି ପାଣି ପିଉଥିବାର ଦେଖିବାକୁ ମିଳୁଛି। ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବାରୁ ଉକ୍ତ ପାନୀୟ ଜଳ ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଯାତ୍ରୀମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ରବି ଋତୁ ପାଇଁ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

ଯାଜପୁର, ୯।୪(ସମିସ)



ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ଶ୍ରୀ ନବକୃଷ୍ଣ ଜେନାଙ୍କ ଅଧ୍ୟକ୍ଷତାରେ ରବିଋତୁ ପାଇଁ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ବୈଠକରେ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀମତୀ ରଶ୍ମିରେଖା ପ୍ରଧାନ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଉଦିପ୍ତ କୁମାର ତ୍ରିପାଠୀ, ସିଏସ୍ଓ ସଲାଉଦ୍ଦିନ ଖାଁ ଯୋଗଦେଇ ରବିରୁତୁ ପାଇଁ ଯାଜପୁର ଜିଲ୍ଲାରେ ଧାନ ସଂଗ୍ରହ ନିମନ୍ତେ ବିଭିନ୍ନ ବିଷୟବସ୍ତୁ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଜିଲ୍ଲାରେ ଆସନ୍ତା ୨୨ ଜୁନ୍ ୨୦୨୪ରିଖଠାରୁ ତା ୨୧ ଜୁଲାଇ ୨୦୨୪ରିଖ ପର୍ଯ୍ୟନ୍ତ ୧୫ ଗୋଟି ପ୍ୟାକ୍ସ ଏବଂ ୧୫ ଗୋଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ଦ୍ୱାରା ୧୪୭୦ ଜଣ ଚାଷୀଙ୍କଠାରୁ ଧାନ କ୍ରୟ କରାଯିବ। ସାଧାରଣମାନର ଧାନ କୁଇଣ୍ଟାଲ ପିଛା ୨୧୮୩ଟଙ୍କା ଓ ଗ୍ରେଡ- 'ଏ' ଧାନର ମୂଲ୍ୟ ୨୨୦୩ଟଙ୍କା ସ୍ଥିର କରାଯାଇଛି।୨୦୨୩ -୨୦୨୪ ବର୍ଷରେ ମୋଟ ୩୭୯୧ ଚାଷୀ ଅନ୍‌ଲାଇନରେ ନାମ ପଞ୍ଜୀକରଣ କରିଛନ୍ତି। ରବିଋତୁରେ ଧାନ ଚାଷ ୪୩୭୩ ହେକ୍ଟର ଜମିରେହେବାକୁ ଆକଳନ କରାଯାଇଥିବା ବେଳେ ୧୮୩୩୫୦.୧୪ କୁଇଁଣ୍ଟାଲ ଧାନ ଅମଳ ହେବାର ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି। ସମସ୍ତ ପ୍ୟାକ୍ସ ଧାନକ୍ରୟ କେନ୍ଦ୍ରରେ ଯେଭଳି ପାନୀୟ ଜଳ ସହ ସମସ୍ତ ଆନୁସାଙ୍ଗିକ ସାଧନା ଆର୍‌ଏମ୍‌ସି ପକ୍ଷରୁ ଯୋଗାଇ ଦିଆଯିବ। ସେଥିପ୍ରତି ଯତ୍ନବାନ ହେବାକୁ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ବିଭାଗୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ, ପାକ୍ସ୍ କର୍ମକର୍ତ୍ତା ଏବଂ ମିଲରମାନେ ଉପସ୍ଥିତ ଥିଲେ।

## ଶିକ୍ଷୟିତ୍ରୀଙ୍କୁ ଅଶାଳୀନ ମନ୍ତବ୍ୟ ଓ ମାଡ଼ ଘଟଣା: ତଦନ୍ତ ଆରମ୍ଭ

**ଧର୍ମଶାଳା, ୯।୪(ସମିସ):** ଧର୍ମଶାଳା ଥାନା ମୁରାରୀପୁର ଗୋପଳଜୀଉ ସରକାରୀ ଉଚ୍ଚ ବିଦ୍ୟାଳୟର ଜଣେ କନିଷ୍ଠ ଶିକ୍ଷୟିତ୍ରୀ ପ୍ରତି ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶାଳୀନ ବ୍ୟବହାର କରିବା ସହିତ ଲୋକ ଲଗାଇ ମାଡ଼ ମାରିଥିବା ଥାନାରେ ଅଭିଯୋଗ ପରେ ପୁଲିସର ତଦନ୍ତ ଆରମ୍ଭ ହୋଇଛି। ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ଓ ଥାନା ଅଧିକାରୀ ତପନ କୁମାର ନାୟକ ଆଜି ଅପରାହ୍ନରେ ସ୍କୁଲକୁ ଯାଇ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କଠାରୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ତେବେ ଘଟଣାର ୨୪ ଘଣ୍ଟା ବିତିଯାଇଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଥାଉ କି, ଶିକ୍ଷୟିତ୍ରୀ ପ୍ରିୟଙ୍କା ରାଉତ ଦୀର୍ଘ ଦୁଇ ବର୍ଷ ହେବ ଏହି ବିଦ୍ୟାଳୟରେ କନିଷ୍ଠ ଶିକ୍ଷୟିତ୍ରୀ ଭାବରେ ନିଯୁକ୍ତି ହୋଇଛନ୍ତି। ଦେଢ଼ ବର୍ଷ ହେବ ଏହି ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସେଠୀ ତାଙ୍କୁ ବିଭିନ୍ନ ସମୟରେ ଅଶାଳୀନ ବ୍ୟବହାର କରିବା ସହିତ ଗାଳି ଗୁଲଜ କରିବା ଓ ଚରିତ୍ରକୁ ନେଇ ଆକ୍ଷେପ କରି କହୁଥିଲେ। ଯାହାକୁ ନେଇ ସୁଶ୍ରୀ ରାଉତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପ୍ରଧାନଶିକ୍ଷକ ଶ୍ରୀ ସେଠୀ ଆକ୍ରୋଶ ମୂଳକ ଭାବରେ ଗତ ଶନିବାର ଦିନ ସେହି ଗ୍ରାମର କାଳିଆ ବେହେରା ନାମକ ଜଣେ ବ୍ୟକ୍ତିଙ୍କୁ ପଠାଇ ତାଙ୍କୁ ମାଡ ମାରିଥିଲେ। ଫଳରେ ସେ ତଳେ ପଡ଼ିଯିବା ସହିତ ତାଙ୍କ ମୁଣ୍ଡରେ ଆଘାତ ହୋଇଥିବା ଓ ସମ୍ପର୍କୀୟଙ୍କ ସହାୟତାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାକୁ ଗୁରୁତ୍ୱର ସହିତ ନେଇ ଅଭିଯୁକ୍ତ କାଳିଆ ବେହେରା ନାମରେ ବିଭିନ୍ନ ସଙ୍ଗୀନ ଦଫା ଲଗାଇ ତଦନ୍ତ ଚଳାଇଛି।

## ନିର୍ବାଚନ ପରିଚାଳନା ପାଇଁ ଅଧିକୃତ ଗାଡ଼ି ଦେବାକୁ ନିର୍ଦ୍ଦେଶ

**ଯାଜପୁର, ୯।୪(ସମିସ):** ଚଳିତ ସାଧାରଣ ନିର୍ବାଚନ ନିମନ୍ତେ ଜୁନ ୧ ତାରିଖରେ ମତଦାନ ଅନୁଷ୍ଠିତ ହେବ। ଏଥି ନିମନ୍ତେ ନିର୍ବାଚନ କାର୍ଯ୍ୟ ସୂଚାରୁରୂପେ ପରିଚାଳନା ନିମନ୍ତେ ଆଞ୍ଚଳିକ ପରିବହନ ଅଧିକାରୀ, ଯାଜପୁର ଓ ଚଣ୍ଡିଖୋଲ ତରଫରୁ ଯାନ ଅଧିଗ୍ରହଣ କରାଯାଇଛି। ଏଣୁ ଅଧିଗ୍ରହଣ କରାଯାଇଥିବା ସମସ୍ତ ଗାଡ଼ି ଗୁଡ଼ିକ ନିର୍ଦ୍ଧାରିତ ତାରିଖ ଓ ସମୟରେ ପହଞ୍ଚିବା ସହିତ ନିର୍ବାଚନ କାର୍ଯ୍ୟକୁ ସୁଚାରୁ ରୂପେ ତୁଲାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ବାଚନ କାର୍ଯ୍ୟରେ ଅବହେଳା କଲେ ଜନପ୍ରତିନିଧି ନିୟମ ୧୯୫୧ ଅନୁଯାଇ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସେମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ, ଯାଜପୁର ଶ୍ରୀ ନୀଳକଣ୍ଠ ପ୍ରଧାନ ଜଣାଇଛନ୍ତି।

## ସରପଞ୍ଚଙ୍କ ମାତୃ ବିୟୋଗ

**ବାଲିଚନ୍ଦ୍ରପୁର, ୯।୪(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ନଳିପୁର ପଞ୍ଚାୟତର ସରପଞ୍ଚ ସେକ ଅବଦୁଲ ଗନିଙ୍କ ମାତୃଦେବୀ କମରୁନ ନିଶା ବିବି (୯୫) ଙ୍କର ଆଜି ସନ୍ଧ୍ୟାରେ ତାଙ୍କ ବାସଭବନରେ ପରଲୋକ ଘଟିଛି। ଗତ କିଛି ଦିନ ହେବ ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ଇସ୍‌ଲାମିକ ଧର୍ମ ଅନୁଯାୟୀ ଜନାଜା ପାଠ ସହିତ କବର ସ୍ଥାନରେ ତାଙ୍କୁ କବର ଦିଆଯାଇଥିଲା। ତାଙ୍କ ବିୟୋଗାତ୍ମକ ଖବର ପାଇ କଂଗ୍ରେସ ନେତା ଅଜୟ କୁମାର ସାମଲ, ପୂର୍ବତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକ, ସେକ ରିୟାସତ ଅଲି, ମନ୍ମଥ କେଶରୀ ସାହେବରାୟ, ମନୋରଞ୍ଜନ ମଲିକ, ପୂର୍ବତନ ସମିତି ସଭ୍ୟ ଦିଲ୍ଲୀପ କୁମାର ସାମଲ, ସରପଞ୍ଚ ପ୍ରମୋଦ କୁମାର ଜେନା, ଲ୍ୟାକୁଦ୍ଦିନ ଖାଁ, ଯୁବନେତା ସଞ୍ଜୟ ଖୁଣ୍ଟିଆ, ସାମ୍ବାଦିକ ବିକାଶ ରଞ୍ଜନ ବଳ, ନାୟବ ସରପଞ୍ଚ ରବୀନ୍ଦ୍ର କୁମାର ମହାରଣା, ସେକ ୱାଜିଦ ଓ ସେକ ମୁସୋ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶୋକ ବ୍ୟକ୍ତ କରିଥିଲେ।

## ଅଙ୍ଗଦାନ ପାଇଁ ଚୁକ୍ତି କଲେ ସମାଜସେବୀ




**ବାଲିଚନ୍ଦ୍ରପୁର, ୯।୪(ସମିସ):** ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ମାହାଙ୍ଗା ବ୍ଲକ ଅନ୍ତର୍ଗତ ସାହାସପୁର(ହଳଦୀପଡ଼ା) ଗ୍ରାମର ସମାଜସେବୀ ତ୍ରିଲୋଚନ ସାମଲ ନିଜର ଅଙ୍ଗଦାନ କରିବା ପାଇଁ ଭାରତ ଶରୀର ଅଙ୍ଗଦାନ ସମିତି ମାଧ୍ୟମରେ ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି। ମୃତ୍ୟୁ ପରେ ତାଙ୍କ ଅଙ୍ଗ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ କଟକରେ ପାଠପଢ଼ା ଓ ଗବେଷଣା କରିବା ପାଇଁ ବ୍ୟବହାର କରାଯିବ ବୋଲି କହିଛନ୍ତି। ଫଳରେ ଭାରତ ଶରୀର ଅଙ୍ଗଦାନ ସମିତି ତରଫରୁ ଶ୍ରୀ ସାମଲଙ୍କୁ ଅଙ୍ଗଦାନ ଶପଥ ପ୍ରମାଣପତ୍ର ପ୍ରଦାନ କରାଯାଇଛି ଓ ଚୁକ୍ତି ଅନୁସାରେ ସେ ତାଙ୍କ ଶରୀରର ବୃକକ୍, ଯକୃତ(ଲିଭର), ହୃତ୍‌ପିଣ୍ଡ, କ୍ଷୁଦାନ୍ତ୍ର ଓ ଦୁଇ ଆଖିର କରନିଆ ଦାନ କରିବେ ବୋଲି ସମିତିର ଅଧ୍ୟକ୍ଷ ଡକ୍ଟର ପ୍ରଭାସ ଆଚାର୍ଯ୍ୟ ପ୍ରକାଶ କରିଛନ୍ତି।

## ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଖୋଲିଲା ଜଳଛତ୍ର




**ବଡଚଣା, ୯।୪(ସମିସ):** ଦିନକୁ ଦିନ ବୃଦ୍ଧି ପାଉଥିବା ଅସହ୍ୟ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଚଣ୍ଡିଖୋଲ ଛକରେ ଜଳଯୋଗାଣ ଅବ୍ୟବସ୍ଥା କୁ ଆଖିଆଗରେ ରଖି ତିନୋଟି ଜାତୀୟ ରାଜପଥର ସଙ୍ଗମସ୍ଥଳ ଚଣ୍ଡିଖୋଲ ଛକରେ ଆଜି ଚଣ୍ଡିଖୋଲ ଟ୍ରକ ମାଲିକ ସଂଘ ତରଫରୁ ଜଳଛାତ୍ର ଆରମ୍ଭ ହୋଇଛି। ଏହି ଜଳଛତ୍ର କାର୍ଯ୍ୟକ୍ରମକୁ ଆଞ୍ଚଳିକ ପରିବହନ ଟ୍ରାଫିକ ଇନ୍ସପେକ୍ଟର ଯୁଗଳ କିଶୋର ତେରିଆ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଜହର ଆବେଦିନ, ସଂଘ ସଭାପତି ପୁଷ୍ପରାଜ ନାୟକ, ସମ୍ପାଦକ କୀର୍ତ୍ତିରାଜ ସ୍ୱାଇଁ, ମୁଖ୍ୟ ଉପଦେଷ୍ଟା ଚନ୍ଦନ କୁମାର ନାୟକ, ଦେବରଞ୍ଜନ ସ୍ୱାଇଁ, ଉମେଶ ଜେନା, ବିଶ୍ୱଜିତ୍ ବିଶ୍ୱାଳ, ମାନସ ନାୟକ, ସତ୍ୟବ୍ରତ ଖଣ୍ଡେଇ, ଜାହିଦ ଖାଁ, ସତ୍ୟଜିତ ବଳ, ତୁହିନାଂଶୁ ନାୟକ, ବିଜୟ ପାଲ ଯାଦବ, ବୈକୁଣ୍ଠ ସ୍ୱାଇଁ, ବୈକୁଣ୍ଠ ପଲେଇ, ରତିକାନ୍ତ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ପରେ ଅଣ୍ଡା ଦହି ସର୍ବତ ପଥଚାରୀଙ୍କୁ ବଣ୍ଟନ କରାଯାଇଥିଲା। ଏହି ଜଳଛତ୍ର ଦୁଇମାସ ଧରି ଚାଲିବ ବୋଲି ସଂଘ ପକ୍ଷରୁ ଘୋଷଣା କରାଯାଇଛି। ପରେ ଅଂଶୁଘାତରୁ ରକ୍ଷା ପାଇବାପାଇଁ ଏକ ସଚେତନାତ୍ମକ ବାର୍ତ୍ତା ଲେଖାଥିବା ପ୍ରଚାର ପତ୍ର ଜନସାଧାରଣ ମାନଙ୍କୁ ବଣ୍ଟନ କରାଯାଇଥିଲା।

## ଶୁଶୁଆ ପଞ୍ଚାୟତରେ ବିଜେଡ଼ିର ବୁଥ୍ କମିଟି ବୈଠକ



ଦଶରଥପୁର, ୯।୪(ସମିସ)

ଯାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡ଼ି ପକ୍ଷରୁ ନିର୍ବାଚନ ରଣାଙ୍ଗନାରେ ନୂତନ ଭାବେ ଅବତୀର୍ଣ୍ଣ ହୋଇଥିବା ପ୍ରାର୍ଥୀନୀ ସୁଜାତା ସାହୁ ପ୍ରାରମ୍ଭିକ ପର୍ଯ୍ୟାୟରେ ବିଜେଡ଼ିର ଛାମୁଆ କାର୍ଯ୍ୟକର୍ତ୍ତାଙ୍କୁ ନେଇ ମାରାଥନ ବୈଠକ କରୁଥିବା ବେଳେ ମଙ୍ଗଳବାର ବିଧାନସଭା ନିର୍ବାଚନ ପାଇଁ ବିଶେଷ ଗୁରୁତ୍ୱ ବହନ କରୁଥିବା ଦଶରଥପୁର ବ୍ଲକ ଶୁଶୁଆ ପଞ୍ଚାୟତ ବୁଥ କମିଟିର କାର୍ଯ୍ୟକର୍ତ୍ତାଙ୍କ ବୈଠକରେ ଯୋଗଦେଇଥିଲେ। ପଞ୍ଚାୟତ ବିଜେଡ଼ିର ବରିଷ୍ଠ ନେତା ରାମାକାନ୍ତ ସାମଲଙ୍କ ପୌରାହିତ୍ୟରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟକେଶରୀ ଦାସ, ବିଧାୟକ ପ୍ରାର୍ଠଥନୀ ସୁଜାତା ସାହୁ, ଜିଲ୍ଲା ବିଜେଡ଼ି ସଭାପତି ସରୋଜ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ପୂର୍ବତନ ସଭ୍ୟା ରଞ୍ଜିତା ରାଉତ, ସରପଞ୍ଚ ବୃନ୍ଦାବନ ସାମଲ, ପୂର୍ବତନ ସରପଞ୍ଚ ରାଜାରାମ ସାମଲ, ସମିତି ସଭ୍ୟ ମଧୁସୂଦନ ଦାସ ପ୍ରମୁଖ ଅତିଥିଭାବେ ଉପସ୍ଥିତ ରହି ଦଳୀୟ ସାଙ୍ଗଠନିକ ସମ୍ପର୍କରେ ସବିଶେଷ ଆଲୋଚନା କରିବା ସହିତ ସୁଜାତାଙ୍କ ସପକ୍ଷରେ ଅଧିକରୁ ଅଧିକ ମତଦାନ ସଂକ୍ରାନ୍ତରେ ପଞ୍ଚାୟତ ଭୋଟରଙ୍କୁ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଏବଂ ଯାଜପୁର ବିଧାୟକଙ୍କ ବିକଶିତ ଯାଜପୁର ଗଠନକୁ ନେଇ ଉତ୍ସାହିତ କରିବାକୁ ଆହ୍ୱାନ ଜଣାଇଥିଲେ। ଅନୁଷ୍ଠିତ ବୈଠକରେ ପଞ୍ଚାୟତର ଶତାଧିକ ଛାମୁଆଁ ବିଜେଡ଼ି କାର୍ଯ୍ୟକର୍ତ୍ତା ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ




**ବାଲିଚନ୍ଦ୍ରପୁର, ୯।୪(ସମିସ):** ବଡଚଣା ଶିକ୍ଷା ମଣ୍ଡଳ ଅଧିନ ବାଲିଚନ୍ଦ୍ରପୁରସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପ୍ରଧାନ ଆଚାର୍ଯ୍ୟ ତଥା ସଂକୁଳ ସଂଯୋଜକ ସତ୍ୟାନନ୍ଦ ପଣ୍ଡାଙ୍କ ସଭାପତିତ୍ୱରେ ରାଷ୍ଟ୍ରୀୟ ନବବର୍ଷ ପାଳନ ଉତ୍ସବ ଆଜି ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଯାଜପୁର ଜିଲ୍ଲାର ସଂଯୋଜକ ବଟକୃଷ୍ଣ ଜେନା ଯୋଗଦେଇ ଆଜିର ଦିବସ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବରେ ବରିଷ୍ଠ ଉପଦେଷ୍ଟା ନିରଞ୍ଜନ ମହାନ୍ତି ଓ ଅନ୍ୟତମ ଉପଦେଷ୍ଟା ହିମାଂଶୁ ଶେଖର ବଳ ଯୋଗଦେଇ ହିନ୍ଦୁ ନବବର୍ଷର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ରମେଶ ଚନ୍ଦ୍ର ବିଶ୍ୱାଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ବରିଷ୍ଠ ଆଚାର୍ଯ୍ୟା ସୁପ୍ରୀତି ମହାନ୍ତି ଓ ପୁଷ୍ପଲତା ରାଉତଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦଶମ ଶ୍ରେଣୀର ଛାତ୍ରୀ କିରଣ ଦାସ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟା ମନ୍ଦିରର ଆଚାର୍ଯ୍ୟ ଗୋପବନ୍ଧୁ ପୃଷ୍ଟି ଓ ସୁଶାନ୍ତ କୁମାର ସାହୁ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବିଦ୍ୟାମନ୍ଦିରର ସହ ପ୍ରଧାନ ଆଚାର୍ଯ୍ୟ ପ୍ରଶାନ୍ତ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ସଫଳ କରିବାରେ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା, ସେବକ ସେବିକା ପୂର୍ଣ୍ଣ ସହଯୋଗ କରିଥିଲେ।

## ଷ୍ଟ୍ରିଟ୍ ଲାଇଟ୍; କେଉଁଠି ଦିନରାତି ଜଳୁଛି, କେଉଁଠି ଅନ୍ଧାର

**କବାଟବନ୍ଧ, ୯।୪(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନ ତଥା ଗାଁ ଗୁଡ଼ିକରେ ଅଲୋକୀକରଣ କରାଯାଇଛି ସତ କିନ୍ତୁ ଏହା ବାସ୍ତବରେ କେତେ କାମ କରୁଛି ତାହା ଦେଖିଲେ ସ୍ପଷ୍ଟ ଜଣାପଡୁଛି। ଏହି ବ୍ଲକର ୧୧ ନମ୍ବର ଜୋନର ବିଭିନ୍ନ ସ୍ଥାନରେ ବିଦ୍ୟୁତ ଖୁଣ୍ଟରେ ଲାଗିଥିବା ଲାଇଟ ଗୁଡ଼ିକ କେଉଁଠାରେ ଦିନ ରାତି ଜଳୁଛି ତ ଆଉ କେଉଁଠାରେ ଖରାପ ହୋଇ ଆଦୌ ଜଳୁ ନାହିଁ। ଏଣ୍ଡଳବା, ରେଖିଦେଇପୁର, ତାଳଜଙ୍ଗ, ରାଇଛନ୍ଦା, କବାଟବନ୍ଧ, ଚକ୍ରଧର ପୁର, ଅିରା, ମଧୁସୂଦନ ପୁର, ମର୍ଜିତାପୁର ପ୍ରଭୃତି ପଞ୍ଚାୟତର ପ୍ରାୟ ସମସ୍ତ ଗ୍ରାମ ଗୁଡ଼ିକରେ ସରକାରଙ୍କ ତରଫରୁ ଅଲୋକୀକରଣ କରାଯାଇଛି। ଏହି ପଞ୍ଚାୟତ ଗୁଡ଼ିକର ପ୍ରତ୍ୟେକ ୱାର୍ଡରେ ଲାଗିଥିବା ବିଦ୍ୟୁତ ଖୁଣ୍ଟ ଗୁଡ଼ିକରେ ଏଲଇଡି ଲାଇଟ ଲଗା ଯାଇଛି। ଲାଗିଥିବା ଲାଇଟ ଗୁଡ଼ିକ ସ୍ୱୟଞ୍ଚାଳିତ ଭାବେ ସନ୍ଧ୍ୟା ବେଳେ ଜଳି ପୁଣି ସକାଳୁ ବନ୍ଦ ହେବା କଥା। କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ଅଧିକାଂଶ ସ୍ଥାନରେ ଲାଇଟ ଗୁଡ଼ିକ ଦିନ ରାତି ଜଳୁଛି ଏବଂ ବହୁ ସ୍ଥାନରେ ଏହା ଖରାପ ହୋଇ କେବଳ ଖୁଣ୍ଟରେ ଲାଗି ରହିଛି। ଏହା ଦ୍ୱାରା ଦିନ ରାତି ଜଳୁଥିବା ଲାଇଟ ଗୁଡ଼ିକ ଶୀଘ୍ର ଖରାପ ହେବାର ସମ୍ଭାବନା ରହିଛି ଏବଂ ଅଯଥା ବିଦ୍ୟୁତ ଶକ୍ତି ଅପଚୟ ହେଉଛି। ଜଳୁ ନ ଥିବା ସ୍ଥାନ ଗୁଡ଼ିକରେ ମରାମତି ପାଇଁ ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନ ଥିବା ଅଭିଯୋଗ ହେଉଛି। ଦାଇତ୍ୱରେ ଥିବା ଅଧିକାରୀ ନିୟମିତ ଭାବେ ଏହାକୁ ଯାଞ୍ଚ କରାଇଲେ ଦୀର୍ଘ ଦିନ ଧରି ଏହି ସମସ୍ୟା ଲାଗି ରହୁ ନ ଥାନ୍ତା। ଗ୍ରୀଷ୍ମ ଋତୁ ହେଇଥିବାରୁ ପ୍ରବଳ ଉତ୍ତାପ କାରଣ ରୁ ସାପ ଓ ଅନ୍ୟାନ୍ୟ ସରୀସୃପ ଗରମ ସହି ନପାରି ବାହାରେ ବୁଲାବୁଲି କରନ୍ତି। ଲାଇଟ ନ ଥିବାରୁ ଅଧିକାଂଶ ସମୟରେ ଗାଁ ରାସ୍ତାରେ ବିଭିନ୍ନ ପ୍ରକାର ସରୀସୃପ ବୁଲୁଛନ୍ତି। କିଟିମିଟି ଅନ୍ଧାରରେ ବିଶେଷ କରି ସର୍ପାଘାତର ଆଶଙ୍କା ଅଧିକ ରହୁଛି। ତୁରନ୍ତ ଲାଇଟ ଗୁଡ଼ିକ ମରାମତି କରି କାର୍ଯ୍ୟକ୍ଷମ କରେଇବାକୁ ସାଧାରଣରେ ଦାବି ହୋଇଛି।

## ୧୩ରୁ ଆରମ୍ଭ ହେବ ମା' ମଙ୍ଗଳା ମହୋତ୍ସବ

**ମଙ୍ଗଳପୁର, ୯।୪(ସମିସ):** ପ୍ରତିବର୍ଷ ମହା ବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଏପ୍ରିଲ ମାସ ୧୪ ତାରିଖରେ ପଡୁଥିବାବେଳେ ଚଳିତ ବର୍ଷ ଏହା ଏପ୍ରିଲ ମାସ ୧୩ ତାରିଖରେ ପଡୁଛି। ମହା ବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ପାଳନ ନିମନ୍ତେ ଦଶରଥପୁର ବ୍ଲକର ବିଭିନ୍ନ ସ୍ଥାନରେ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିବା ବେଳେ ଏହି ପରିପ୍ରେକ୍ଷୀରେ ଦଶରଥପୁର ବ୍ଲକ ଡାହାଣହତା ପଞ୍ଚାୟତସ୍ଥ ମା' କୁଆଁସ ମଙ୍ଗଳା ପୀଠ ଚଳଚଞ୍ଚଳ ହୋଇ ଉଠିଥିବା ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ମା' କୁଆଁସ ମଙ୍ଗଳା ପୀଠରେ ୧୩ ତାରିଖ ଠାରୁ ୩ ଦିନ ଧରି ହେବାକୁ ଥିବା ମଙ୍ଗଳା ମହୋତ୍ସବ ପାଇଁ ମଙ୍ଗଳା ମହୋତ୍ସବ କମିଟିର ସଭାପତି ଅଜୟ ମହାନ୍ତି, ସମ୍ପାଦକ ଦିଲ୍ଲୀପ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ମଙ୍ଗଳା ପୀଠର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଯଥା ମଙ୍ଗଳା ପୀଠ ଚର୍ତୁଃପାର୍ଶ୍ୱ ସଫେଇ, ପାଟୁଆ ମାନଙ୍କ ବିଶ୍ରାମ ପାଇଁ ମଣ୍ଡପ ନିର୍ମାଣ, ପାଟୁଆ ମାନେ ଗାଧୋଇବା ପାଇଁ ଢ଼ଳେଇ ତୁଠ, ଯାତ୍ରୀ ମାନଙ୍କ ପାଇଁ ପାନୀୟ ଜଳ ନିମନ୍ତେ ବ୍ୟାପକ ବ୍ୟବସ୍ଥା ପ୍ରସ୍ତୁତି କରା ଯାଉଥିବା ଦେଖିବାକୁ ମିଳିଛି। ସେହିପରି ମଙ୍ଗଳା ପୀଠରେ ଏକମାସ ଧରି ମହୋତ୍ସବ ଅନୁଷ୍ଠିତ ହେଉଥିବା ବେଳେ ଶତାଧିକ ଉଠା ଦୋକାନୀ ସେମାନଙ୍କର ଦୋକାନ ପ୍ରସ୍ତୁତିରେ ଲାଗିଥିବା ବେଳେ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ନିମନ୍ତେ ବ୍ୟାପକ ବନ୍ଦୋବସ୍ତ କରାଯାଇଥିବା ମଙ୍ଗଳା ମହୋତ୍ସବ କମିଟିର ସଭାପତି ଅଜୟ ମହାନ୍ତି ସୂଚନା ଦେଇଛନ୍ତି।

## ଧନିତ୍ରୀ ବାଲି ଖାଦାନକୁ ନେଇ ଜିଲ୍ଲାପାଳଙ୍କ ଅଫିସ୍‌ରେ ଫେରାଦ

**ଯାଜପୁର, ୯।୪(ସମିସ):** ବ୍ୟାସନଗର ତହସିଲ ଅନ୍ତର୍ଗତ ଧନିତ୍ରୀ ବାଲି ଖାଦାନକୁ ନେଇ ବିବାଦ ଦେଖାଦେଇଛି। ଏହି ବାଲି ଖାଦାନକୁ ବିରୋଧ କରି ସ୍ଥାନୀୟ ଗ୍ରାମବାସୀ ପାଣିକୋଇଲି ଥାନା ଘେରଉ କରିଥିଲେ। ପୂର୍ବରୁ ଥାନା ଘେରାଉ କରିଥିବା ଗ୍ରାମବାସୀମାନଙ୍କ ବିରୋଧରେ ଗଣ୍ଡଗୋଳ ଓ ଗାଡି ଭଙ୍ଗାରୁଜା ଅଭିଯୋଗ ହୋଇଥିଲା। ପୁଲିସ ସେହି ଘଟଣାରେ ମୋଟ ୧୧ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହାର ପ୍ରତିବାଦରେ ଆଜି ଗ୍ରାମବାସୀ ଜିଲ୍ଲାପାଳଙ୍କ ଅଫିସ ଘେରାଉ କରି ବାଲି ଖାଦାନ ଲିଜ୍‌ଧାରୀ ଏବଂ ପାଣିକୋଇଲି ପୁଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

### ବିଜୁ ସ୍ୱାସ୍ଥ୍ୟ କାର୍ଡ଼ ଗରିବଙ୍କ ପାଇଁ ପାଲଟିଛି ସଞ୍ଜୀବନୀ

# ସୁଶାନ୍ତଙ୍କ ଜୀବନ ବଞ୍ଚାଇଲା ବିଏସ୍‌କେୱାଇ

ବ୍ୟାସନଗର, ୯।୪(ସମିସ)

ରାଜ୍ୟର କୋଟି କୋଟି ଗରିବ ଏବଂ ଖଟିଖିଆ ଜନତାଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୁଗାନ୍ତକାରୀ ପଦକ୍ଷେପ ଭାବେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସକେୱାଇ) ଲାଗୁ କରାଇଥିଲେ। ଯାହା ତାଙ୍କୁ ଏକ ଦୂରଦୃଷ୍ଟିସମ୍ପନ୍ନ ନେତା ଭାବେ ପରଗଣିତ କରିଥାଏ। ଏହି ଯୋଜନା ଅଧୀନରେ ରାଜ୍ୟର ଅନେକ ଗରିବ ହିତାଧିକାରୀଙ୍କୁ ବିଭିନ୍ନ ବେସରକାରୀ ମେଡିକାଲରେ ଉନ୍ନତ ସ୍ୱାସ୍ଥ୍ୟସେବା ମିଳିପାରୁଛି। ଫଳରେ ଅର୍ଥ ଅଭାବରୁ ଚିକିତ୍ସା ପାଇପାରୁନଥିବା ଅନେକ ଗରିବ ଲୋକେ ଏହାର ଫାଇଦା ନେଇ ଉପକୃତ ହେବା ସହିତ ନିଜ ଜୀବନକୁ ସୁରକ୍ଷିତ କରିଛନ୍ତି।

ଯାଜପୁର ଜିଲ୍ଲା କୋରେଇ ବ୍ଲକ ତଳଗଡ଼ ପଞ୍ଚାୟତ ମଙ୍ଗରାଜପୁର ପରି ଏକ ଉପାନ୍ତ ଗ୍ରାମର କୀର୍ତ୍ତନ ବିହାରୀ ରାଉତଙ୍କ ବଡ ପୁଅ ୪୮ ବର୍ଷୀୟ ସୁଶାନ୍ତ କୁମାର ରାଉତ ବିଏସକେୱାଇ କାର୍ଡ ମାଧ୍ୟମରେ ନିଜର ଜୀବନ ରକ୍ଷା କରାଇବାରେ ସକ୍ଷମ ହୋଇଛନ୍ତି। ସୁଶାନ୍ତ ଯାଜପୁର ରୋଡରେ ଏକ ପାନ ଦୋକାନ କରି ପରିବାର ପ୍ରତିପୋଷଣ କରନ୍ତି। ୨୦୧୫ ଅଗଷ୍ଟ ୩୧ରେ ସୁଶାନ୍ତ ହଠାତ୍ ପ୍ରଶ୍ୱାସ ନେବାରେ ଅସୁବିଧା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ। ହାର୍ଟରେ କ୍ଷତ ଥିବା ଡାକ୍ତର କହିବା ପରେ ପରିବାର ଉପରେ ଚଟକ ପଡ଼ିଥଲା। ଜାଗା ବିକି ସେଥିରେ ତାଙ୍କର ଚିକିତ୍ସ କରାଇଥିଲେ। ତେବେ ମଧ୍ୟ ଅନ୍ୟ ସ୍ୱାସ୍ଥ୍ୟଗତ ସମସ୍ୟା ନିରାକରଣ ପାଇଁ ପରିବାର ଲୋକଙ୍କ ପାଖରେ ଅର୍ଥ ବାଧକ ସାଜିବାରୁ ଅନେକ ସ୍ଥାନରୁ ପ୍ରାୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଅର୍ଥ ଧାର ଉଧାର କରି ପରିବାର ଲୋକେ ତାଙ୍କର ଚିକିତ୍ସା କରାଇଥିଲେ। ଏସବୁ ପରେ ବି ସୁଶାନ୍ତ ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରିନଥିଲେ। ଅଧିକ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଥିଲା। ଏହି ସମୟରେ ରାଜ୍ୟ ସରକାରଙ୍କ ତରଫରୁ ସୁଶାନ୍ତ ବିଏସକେୱାଇ ଯୋଜନା ଅଧୀନରେ ଅର୍ନ୍ତଭୂକ୍ତ ହୋଇଥିଲେ। ରାଜ୍ୟର ପ୍ରତ୍ୟକ ରାସନ କାର୍ଡଧାରୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ କରିବାର ନିଷ୍ପତ୍ତି ପରିବାର ମୁହଁରେ ହସ ଆଣିଦେଇଥିଲା। ପ୍ରଥମେ କଟକ ଏବଂ ଭୁବନେଶ୍ୱରର ବିଭିନ୍ନ ବେସରକାରୀ ମେଡିକାଲରେ ସୁଶାନ୍ତଙ୍କ ଚିକିତ୍ସା ହେଉଥିଲା। ନିକଟରେ ପୁନଶ୍ଚ ହାର୍ଟରେ ଯନ୍ତ୍ରଣା ହେବା ସହିତ ପ୍ରଶ୍ୱାସ ନେବାରେ ଅସୁବିଧା ଏବଂ ଦୀର୍ଘଦିନ ଧରି କାଶ ଲାଗିରହିବା ଫଳରେ ସୁଶାନ୍ତ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ହୃଦରୋଗ ବିଶେଷଜ୍ଞଙ୍କ ଅଧୀନରେ ଚିକିତ୍ସିତ ହୋଇଥିଲେ। ଏହି ଚିକିତ୍ସା ସମୟରେ ଡାଏଲିସିସ୍ ଏବଂ ଅନ୍ୟାନ୍ୟ ବାବଦରେ ପ୍ରାୟ ୨ ଲକ୍ଷ ଟଙ୍କାର ବିଲ୍ ବିଏସକେୱାଇ କାର୍ଡ ଯୋଗୁଁ ସମ୍ପୂର୍ଣ୍ଣ ଛାଡ ହୋଇଥିଲା। ଏବେ ପ୍ରତି ୨ ମାସରେ ସୁଶାନ୍ତଙ୍କ ଡାଏଲିସିସ କରାଯାଉଥିବା ବେଳେ ଏଥି ନିମନ୍ତେ ଖର୍ଚ୍ଚ ହେଉଥିବା ଲକ୍ଷାଧିକ ଟଙ୍କା ରାଜ୍ୟ ସରକାର ବହନ କରୁଛନ୍ତି। ବିଏସକେୱାଇ ଆମ ପାଇଁ ଶୁଭାର୍ଶିବାଦ ପାଲଟିଥିବା ସୁଶାନ୍ତଙ୍କ ପତ୍ନୀ ମମତା ରାଉତ କହିଛନ୍ତି। ଅନ୍ୟପକ୍ଷରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଯୋଜନା ଯୋଗୁଁ ମୋ ପୁଅ ନୂଆ ଜୀବନ ପାଇଲା ବୋଲି ସୁଶାନ୍ତଙ୍କ ବାପା କୀର୍ତ୍ତନ ବିହାରୀ ରାଉତ କହିଛନ୍ତି। ସୁଶାନ୍ତ ଏବେ ସୁସ୍ଥ ଜୀବନଯାପନ କରୁଛନ୍ତି। ଏହି ଯୋଜନା ନଥିଲେ ମୋ ପୁଅର ଚିକିତ୍ସା ସମ୍ଭବପର ହୋଇପାରିନଥାନ୍ତା ବୋଲି ସୁଶାନ୍ତଙ୍କ ମା କହିବା ସହିତ ଏଥିନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପରିବାର ଲୋକଙ୍କ ପକ୍ଷରୁ ଧନ୍ୟବାଦ ଏବଂ ଆର୍ଶିବାଦ ପ୍ରଦାନ କରିଛନ୍ତି।

